


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୫ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 JULY 2022
Vol.No. 35 ■ No. 173 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ମୋଦିଙ୍କ ହେଲିକପ୍ଟର ଆଡ଼କୁ ବେଲୁନ ଉଡ଼ାଇ ୪ ଗିରଫ




ହାଇଦ୍ରାବାଦ, ୦୪/୦୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହେଲିକପ୍ଟର ଆଡ଼କୁ ଛାଡ଼ିଲେ କଳାବେଲୁନ। ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲ୍ଲାରେ କଂଗ୍ରେସ କର୍ମୀ ଛାଡ଼ିଲେ କଳା ବେଲୁନ। ଏକ କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ କଳାବେଲୁନ ଛାଡ଼ି ପ୍ରତିବାଦ କରିଛି କଂଗ୍ରେସ। କଳା ବେଲୁନ ଗୁଡ଼ିକ ମୋଦିଙ୍କ ହେଲିକପ୍ଟର ପାଖାପାଖି ହୋଇଯାଇଥିଲା। ଏହି ଘଟଣାର ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗକୁ ଗୁରୁତର ସହ ନେଇଛି ଆନ୍ଧ୍ର ପୁଲିସ । ଏହି ଘଟଣାରେ ୪ ଜଣ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚପରଟି ଆନ୍ଧ୍ରପ୍ରଦେଶର ଏକ ବିମାନବନ୍ଦରରୁ ଓହ୍ଲାଇବା ସମୟରେ କଳା ବେଲୁନ୍ ଦେଖିବାକୁ ମିଳିଥିଲା। ବିଜୟୱାଡାର ଗାନ୍ନାଭାରାମ ବିମାନ ବନ୍ଦରରେ ବିମାନ ଉଡ଼ାଣ ପରେ ମୋଦିଙ୍କ ହେଲିକପ୍ଟର ନିକଟରେ ବେଲୁନ୍ ଦେଖାଯାଇଥିଲା। ଭୀମଭରାମ ବିମାନ ବନ୍ଦରଠାରୁ ୪.୫ କିଲୋମିଟର ଦୂରରେ ଦୁଇଟି ବେଲୁନ୍ ଛଡ଼ା ଯାଇଥିବା ପୁଲିସ କହିଛି। ଆଜି ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସ କର୍ମୀମାନେ ବିରୋଧ କରିଥିବା ବେଳେ କଳା ବେଲୁନ୍ ଏବଂ ପ୍ଲାକାର୍ଡ ଧରିଥିବା ନଜର ଆସିଥିଲେ। ଏହି ଘଟଣାରେ ୪ଜଣ କଂଗ୍ରେସ କର୍ମୀଙ୍କୁ ଗିରଫ କରିଛି ପୁଲିସ। କଂଗ୍ରେସ ନେତାମାନେ କଳା ବେଲୁନ୍ ଦେଖାଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିରୋଧ କରିବାକୁ ଦେଶବ୍ୟାପି ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନରେ ହାଇଦ୍ରାବାଦରୁ ବିଜୟୱାଡାର ଭୀମଭରାମ ବିମାନ ବନ୍ଦରକୁ ଯିବା ଅଭିମୁଖେ କଳା ବେଲୁନ ଉଡ଼ିଥିଲା।

## ଆସ୍ଥା ଭୋଟରେ ବାଜିମାରିଲେ ଏକନାଥ ସିନ୍ଦେ



ମୁମ୍ବାଇ, ୦୪/୦୭ (ନି.ପ୍ର): ଦୀର୍ଘ ୨ ସପ୍ତାହର ଛକାପଞ୍ଝା ପରେ ମହାରାଷ୍ଟ୍ରରେ ବିଧିବଦ୍ଧ ଭାବେ ଏକନାଥ ସିନ୍ଦେ ସରକାର କାର୍ଯ୍ୟ ଆରମ୍ଭ କରିଛି। ବିଜେପି ସମର୍ଥନରେ ସିନ୍ଦେ ଗୁରୁବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଆଜି ସେ ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ବାଜି ମାରିଛନ୍ତି। ତାଙ୍କ ସପକ୍ଷରେ ୧୬୪ ଜଣ ବିଧାୟକ ଭୋଟ ଦେଇଥିବା ବେଳେ ବିରୋଧୀଙ୍କ ପକ୍ଷରେ ୯୯ ଭୋଟ ପଡ଼ିଛି। ଉଦ୍ଧବ ଠାକରେ ସରକାରରେ ସିନ୍ଦେ କ୍ୟାବିନେଟ ମନ୍ତ୍ରୀ ଥିଲେ। ହେଲେ ସେ ୪୦ ଜଣ ଶିବସେନା ବିଧାୟକଙ୍କୁ ନେଇ ବିଦ୍ରୋହ କରିବାରୁ ଉଦ୍ଧବ ସରକାର ଭାଙ୍ଗି ଯାଇଥିଲା। ଏହାପରେ ବିଜେପି ସମର୍ଥନରେ ସିନ୍ଦେ ମୁଖ୍ୟମନ୍ତ୍ରୀ ହେବା ସହ ନିଜକୁ ପ୍ରକୃତ ଶିବ ସୈନିକ ବୋଲି ଦାବି କରୁଛନ୍ତି। ଏସବୁ ଭିତରେ ଆଜି ସରକାର ଚଳାଇବା ସିନ୍ଦେ ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେଇଛନ୍ତି। ବିଧାନସଭାରେ ମୁଣ୍ଡ ଗଣତି ହିସାବରେ ଆସ୍ଥା ଭୋଟ ହୋଇଥିଲା। ଏଥିରେ ଏକନାଥ ସିନ୍ଦେ ୧୬୪ ବିଧାୟକଙ୍କ ସମର୍ଥନ ପାଇଛନ୍ତି। ସେହିପରି ବାଚସ୍ପତି ନିର୍ବାଚନରେ ବିରୋଧୀ ଦଳ ସପକ୍ଷରେ ୧୦୭ ଭୋଟ ପଡ଼ିଥିବା ବେଳେ ଆଜି ଏହା ୯୯କୁ ଖସି ଆସିଛି। ଗତକାଲି ବିରୋଧୀଙ୍କ ସହ ଥିବା ଜଣେ ବିଧାୟକ ଆଜି ସିନ୍ଦେ କ୍ୟାମ୍ପରେ ସାମିଲ ହୋଇଛନ୍ତି। ସେହିପରି ବାକି ୬ ଜଣ ଆଜି ଭୋଟ ଦେଇ ନାହାନ୍ତି। କଂଗ୍ରେସର ବିଜୟ ୱାଡେଟ୍ଟିୱାର ଓ ଜୀଶାନ ସିଦ୍ଦିକୀ ଆଜି ଭୋଟ ଦେଇ ନାହାନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନ ଆସ୍ଥା ଭୋଟ ପରେ ଗୃହରେ ପହଞ୍ଚିଥିଲେ। ଏନସିପିର ସଂଗ୍ରାମ ଜଗତପଙ୍କର ଆଜି ଦେଖା ମିଳିନି। ଗତକାଲି ଏମାନେ ବାଚସ୍ପତି ନିର୍ବାଚନ ବେଳେ ଭୋଟ ଦେଇଥିଲେ। ସମାଜବାଦୀ ପାର୍ଟିର ଅବୁ ଅଜମି, ଆର ଶେଖ ଓ ଏମଆଇଏମର ଶାହ ଫାରୁକ ଅନୱର ଭୋଟ ଦାନରୁ ନିଜକୁ ଦୂରେଇ ରଖିଥିଲେ। ଆସ୍ଥା ଭୋଟ ପୂର୍ବରୁ ଉଦ୍ଧବ ଠାକରେଙ୍କ ଶିବସେନାରେ ରହିଥିବା ବିଧାୟକ ସନ୍ତୋଷ ବାଙ୍ଗର ଆଜି ସିନ୍ଦେ କ୍ୟାମ୍ପରେ ମିଶିଛନ୍ତି। ଏହାର ଅର୍ଥ ଏବେ ସିନ୍ଦେଙ୍କ ପାଖରେ ଶିବସେନାର ୪୦ ଜଣ ବିଧାୟକଙ୍କ ସମର୍ଥନ ରହିଛି। ସୂଚନାଯୋଗ୍ୟ, ଗତକାଲି ଅନୁଷ୍ଠିତ ହୋଇଥିବା ହୋଇଥିବା ବାଚସ୍ପତି ନିର୍ବାଚନରେ ବିଜେପିର ରାହୁଲ ନାରୱେକର ବାଜିମାତ କରିଥିଲେ। ତାଙ୍କୁ ୧୬୪ ଜଣ ବିଧାୟକଙ୍କ ସମର୍ଥନ କରିଥିବା ବେଳେ ୧୦୭ ଜଣ ତାଙ୍କ ବିରୋଧରେ ଭୋଟ ଦେଇଥିଲେ।

## ଜୁଲାଇ ୬ରେ ମାଟ୍ରିକ୍ ପରୀକ୍ଷାଫଳ



ଭୁବନେଶ୍ୱର,୦୪/୦୭ (ନି.ପ୍ର): ଆଗାମୀ ଜୁଲାଇ ୬ ତାରିଖ ଦିନ ଗୋଟାଏ ବେଳେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ । ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶ। ସେ କହିଛନ୍ତି ଯେ bseodisha.ac. in ଏବଂ odisharesult. nic.in ରେ ଉପଲବ୍ଧ ହେବ। ସେ କହିଛନ୍ତି ଏବେ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ସରିଥିବା ବେଳେ ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟ ଚାଲିଛି। ନିର୍ଭୁଲ ପରୀକ୍ଷାଫଳ ପ୍ରକାଶ ପାଇଁ ଉଦ୍ୟମ ଜାରି ରହିଛି। ସେହିପରି ବୋର୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଆସନ୍ତା ଜୁଲାଇ ୬ ତାରିଖ ଦିନ ୧ଟାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି ବୋର୍ଡ ୱେବସାଇଟ୍ ବ୍ୟତୀତ odisharesult. nic. in ରେ ମଧ୍ୟ ପରୀକ୍ଷାଫଳ ଉପଲବ୍ଧ ହେବ। ସେହିପରି ପରୀକ୍ଷାର୍ଥୀ ମାନେ ମଧ ମୋବାଇଲ ମାଧ୍ୟମରେ ଫଳାଫଳ ଜାଣିପାରିବେ। ନିଜର ମୋବାଇଲ ରୁ ଓଆର୧୦ ଏବଂ ନିଜର ରୋଲ ନମ୍ବରକୁ ଟାଇପ କରି ୫୬୭୬୭୫୦ କୁ ପଠାଇଲେ ଫଳାଫଳ ଜାଣିହେବ ବୋଲି ବୋର୍ଡ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପୂର୍ବରୁ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ ▶▶ପୃଷ୍ଠା ୭

## ଗୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ବିଧାନସଭାରେ ବିବୃତି ରଖିଲେ ଗୃହ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ରାଗିଂ ଯୋଗୁଁ ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ଅପରାହ୍ନରେ ବିଧାନସଭାରେ ବିବୃତି ରଖିଛନ୍ତି । ରୁଚିକାଙ୍କ ଆତ୍ମହତ୍ୟା ଏକ ସମ୍ବେଦନଶୀଳ ଓ ଦୁଃଖଦ ଘଟଣା ବୋଲି କହିଛନ୍ତି ମନ୍ତ୍ରୀ। ସେ କହିଛନ୍ତି ଯେ ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଛି । ତୁରନ୍ତ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବାବେଳେ ବଡ଼ଗଡ଼ ଥାନା ପୁଲିସ ତଦନ୍ତ କରୁଛି। ଡିସିପିଙ୍କ ତତ୍ୱାବଧାନରେ ତଦନ୍ତ ଚାଲିଛି। କେସର ଉପଯୁକ୍ତ ତଦନ୍ତ ପାଇଁ କମିସନରେଟ ପୁଲିସ ତର'ରୁ ୩ଟି ଟିମ ଗଠନ କରାଯାଇଛି । ଜଣେ ଅତିରିକ୍ତ ଡ଼ିସିପିଙ୍କୁ ତତ୍ୱାବଧାନରେ ତଦନ୍ତର ତଦାରଖ କରାଯାଉଛି। ଏହି ଘଟଣାରେ ପରିବାରର ସଦସ୍ୟ, ମୃତକଙ୍କ ବନ୍ଧୁବର୍ଗଙ୍କ ଦ୍ୱାରା ଉତ୍ଥାପିତ ତଥ୍ୟ ଓ ସୁଇସାଇଡ୍ ନୋଟରେ ଲିଖିତ ସମସ୍ତ ଦିଗକୁ ତଦନ୍ତରେ ସାମିଲ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅପରାଧ ଓ ଅପରାଧୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ଆଭିମୁଖ୍ୟକୁ ବଜାୟ ରଖିବା ପାଇଁ ଗୃହ ବିଭାଗର ଏସଓପିକୁ କଡାକଡି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ରାଜଧାନୀରେ ପ୍ରବଳ ବର୍ଷା



ଭୁବନେଶ୍ୱର,୦୪/୦୭ (ନି.ପ୍ର): ପ୍ରବଳ ବର୍ଷାରେ ବୁଡିଲା ରାଜଧାନୀ। ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁଁ ରାଜଧାନୀର ବିଭିନ୍ନ ସ୍ଥାନରେପାଣି ଜମିବା ସହ ତଳିଆ ଅଂଚଳରେ ପାଣି ପଶିଯାଇଥିଲା। ଅଚାନକ ବର୍ଷା ଫଳରେ ଭୁବନେଶ୍ୱରର ବିଭିନ୍ନ ଛକ ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଦିନ ୨ଟା ୩୦ମିନିଟ ସୁଦ୍ଧା ରାଜଧାନୀ ଭୁବନେଶ୍ୱର ରେ ୪୬.୮ ମିମି ବର୍ଷା ରେକର୍ଡ ହୋଇଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସକାଳୁ ଭୁବନେଶ୍ୱରରେ ପାଗ ଖରାଟିଆ ରହିଥିଲା। ପରେ ପାଗ ମେଘୁଆ ହୋଇଥିବା ବେଳେ ଅପରାହ୍ନ ପ୍ରାୟ ୧ଟା ବେଳକୁ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ପାଖାପାଖି ୪୫ ମିନିଟ୍ ବର୍ଷାରେ ରାଜଧାନୀର ଅବସ୍ଥା ବେହାଲ ହୋଇଯାଇଥିଲା। ରାସ୍ତା ଗୁଡିକ ବୁଡିଯାଇଥିଲା। ରାଜରାସ୍ତା ଉପରେ ପାଣି ଲହଡି ମାରୁଥିଲା। ରାସ୍ତା ଉପରେ ରହିଥିବା କାର, ବାଇକ୍ ବୁଡି ଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରବଳ ବର୍ଷା ଫଳରେ ଇସ୍କନ ସମ୍ମୁଖରେ ପୁଣି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ନୟାପଲ୍ଲୀ, ଆଚାର୍ଯ୍ୟ ବିହାର, ମଞ୍ଚେଶ୍ୱର, ପଳାଶୁଣି , ପୁରୁଣା ଭୁବନେଶ୍ୱର ର ତଳିଆ ଅଂଚଳରେ ପାଣି ପଶିଯାଇଥିଲା। ହଠାତ୍ ବର୍ଷା ହେବାରୁ କିଛି ପଥଚାରୀ ଓଭର ବ୍ରିଜ୍ ତଳେ ଆଶ୍ରୟ ନେଇଥିବାର ଦେଖିବାକୁ ମିଳିଥିଲା। ଭୁବନେଶ୍ୱରର ରାଜମହଲ, କଳ୍ପନା, ସିଆରପି , ଜୟଦେବ ବିହାର ଆଦି ଛକରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଲଘୁଚାପ ସୃଷ୍ଟି ହୋଇଥିବାରୁ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିପାରେ।

## ବିଜେପି ପାଇଁ ଜନତା ହେବେ 'ବୁଲଡୋଜର': ମମତା ବାନାର୍ଜୀ



ନୂଆଦିଲ୍ଲୀ, ୦୪/୦୭ : ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ପାଇଁ ଜନତା ହେବେ 'ବୁଲଡୋଜର' । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଭଳି କିଛି ପ୍ରତିକ୍ରିୟା ରଖି ବିଜେପିକୁ ଟାର୍ଗେଟ କରିଛନ୍ତି । ସେ ସ୍ପଷ୍ଟ ଭାବେ କହିଛନ୍ତି ଦେଶରେ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଦେଶର ଜନତା ବିଜେପି ପାଇଁ ବୁଲଡୋଜର ହେବେ । ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହା କହିଛନ୍ତି । ଆଗାମୀ ନିର୍ବାଚନ ବିଜେପି ବନାମ ଭାରତୀୟ ଜନତା ହେବାକୁ ଯାଉଛି । ବରିଷ୍ଠ ସାମ୍ବାଦିକ ରାଜଦୀପ ସରଦେଶାଇ ପ୍ରଶ୍ନ କରିଥିଲେ ବର୍ତ୍ତମାନ ବିରୋଧୀ ମୁକ୍ତ ଭାରତର ନାରା ଦିଆଯାଉଛି । ଏହାର ଉତ୍ତରରେ ମମତା କହିଛନ୍ତି ଏଭଳି ପ୍ରତିଶୋଧ ପରାୟଣର ସରକାର କେବେ ଦେଖିନଥିଲେ । ବିଜେପି ସରକାର ବର୍ତ୍ତମାନ ଯେମିତି ସବୁଆଡେ ବୁଲଡୋଜର ଚଳାଉଛି । ଜନତା ମଧ୍ୟ ଆଗାମୀ ଦିନରେ ବୁଲଡୋଜର ଚଳାଇବେ । ଲୋକତାନ୍ତ୍ରିକ ଭାବେ ଜନତା ବିଜେପି ସରକାର ଉପରେ ବୁଲଡୋଜର ଚଳାଇବେ ।

## ୩ ବର୍ଷରେ ୭୬୦୩ ବାଳିକା ନିଖୋଜ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ବିଗତ ୩ ବର୍ଷରେ ୭୬୦୩ ବାଳିକା ନିଖୋଜ ହୋଇଥିବା ବେଳେ ୫୮୭୧ ଜଣଙ୍କୁ ଉଦ୍ଧାର କରାଯାଇଛି। ବର୍ତମାନ ସୁଦ୍ଧା ୧୭୩୧ ଜଣ ନିଖୋଜ ଅଛନ୍ତି। ବିଧାୟକ ପ୍ରଫୁଲ ସାମଲଙ୍କ ପ୍ରଶ୍ନର ଉତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି। ସେହିପରି ବିଗତ ୩ ବର୍ଷରେ ୧୧୧୧ ଜଣ ବାଳକ ନିଖୋଜ ହୋଇଥବା ବେଳେ ସେଥିମଧ୍ୟରୁ ୯୦୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଏ ପର୍ଯ୍ୟନ୍ତ ୨୦୪ ବାଳକ ନିଖୋଜ ଅଛନ୍ତି। ଗତ ୩ ବର୍ଷ ଭିତରେ ୨୫, ୯୭୩ ଜଣ ମହିଳା ନିଖୋଜ ହୋଇଥିଲେ। ସେଥିମଧ୍ୟରୁ ୯୯୨୦ ଜଣ ଉଦ୍ଧାର ହୋଇଛନ୍ତି। ଅବଶିଷ୍ଟ ୧୬,୦୫୩ ଜଣ ମହିଳା ଏବେବି ନିଖୋଜ ଅଛନ୍ତି।

## ଜୁଲାଇ ଶେଷ ସପ୍ତାହରେ ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ଜୁଲାଇ ଶେଷ ସପ୍ତାହରେ ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ। ଖୁବଶୀଘ୍ର ବୋର୍ଡ ପକ୍ଷରୁ ତାରିଖ ଘୋଷଣା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଏପ୍ରିଲ୍ ୨୮ ତାରିଖରୁ ଆରମ୍ଭ ହୋଇ ମେ ୨୮ରେ ଶେଷ ହୋଇଥିଲା । ଚଳିତ ବର୍ଷ ୩ ଲକ୍ଷ ୨୧ ହଜାର ୫୦୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । କଳାରେ ୨ ଲକ୍ଷ ୧୩ ହଜାର ୪୩୨, ବିଜ୍ଞାନରେ ୭୮ ହଜାର ୭୭ ଓ ବାଣିଜ୍ୟରେ ୨୪ ହଜାର ୧୩୬ ଏବଂ ଧନ୍ଦାମୂଳକରେ ୫ ହଜାର ୮୬୩ ଜଣ ପରୀକ୍ଷା ଦେଇଥିଲେ। କରୋନା କଟକଣା ମଧ୍ୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

## ଖାତକୁ ଖସିପଡ଼ିଲା ବସ : ଚାଲିଗଲା ୧୬ ଜଣଙ୍କ ଜୀବନ



ନୂଆଦିଲ୍ଲୀ, ୦୪/୦୭ : ହିମାଚଳ ପ୍ରଦେଶ କୁଲ୍ଲୁରେ ଆଜି ସକାଳୁ ସକାଳୁ ଭୟଙ୍କ ଦୁର୍ଘଟଣା ଘଟିଛି। ଗୋଟିଏ ଯାତ୍ରୀବାହୀ ଘରୋଇ ବସ୍ ଖାତାକୁ ଖସି ପଡ଼ିବାରୁ ୧୬ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ କିଛି ସ୍କୁଲ ପିଲା ମଧ ରହିଛନ୍ତି। ୨୦ରୁ ଅଧିକ ଲୋକ ଘଟଣାରେ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁଲ୍ଲୁର ଡେପୁଟି କମିଶନର ଆଶୁତୋଷ ଗର୍ଗ କହିଛନ୍ତି, ବସଟି ଲୋକଙ୍କୁ ନେଇ ସାଇନଜ ଯାଉଥିଲା। ଏଥିରେ ପ୍ରାୟ ୪୦ ଜଣ ସ୍କୁଲ ପିଲା ରହିଥିଲେ। ତେବେ ସକାଳ ୮.୩୦ରେ ଏହା ଭାରସାମ୍ୟ ହରାଇ ଜଙ୍ଗଲା ଗାଁ ନିକଟରେ ଥିବା ଗୋଟିଏ ଖାତକୁ ଖସି ପଡ଼ିଥିଲା। ଫଳରେ ଘଟଣା ସ୍ଥଳରେ ୧୬ ଜଣଙ୍କ ଜୀବନ ଯାଇଛି। ଦୁର୍ଘଟଣାରେ ଗାଡ଼ିଟି ସଂପୂର୍ଣ୍ଣ ଚୁରମାର ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଉଦ୍ଧାରକାରୀ ଘଟଣାସ୍ଥଳରେ ପହଞ୍ଚି କାମ ଆରମ୍ଭ କରିଛନ୍ତି। ବର୍ତ୍ତମାନ ଆହତଙ୍କୁ ଉପଯୁକ୍ତ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ତରଫରୁ ଶୋକ ପ୍ରକାଶ କରାଯାଇଛି। ଏଥିସହ ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆହତଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

## ୬ ମାସ ଭିତରେ ଭାଙ୍ଗିବ ସିନ୍ଦେ ସରକାର : ଶରଦ ପାୱାର

ମୁମ୍ବାଇ, ୦୪/୦୭ (ନି.ପ୍ର): ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଶିବସେନାର ବିଦ୍ରୋହୀ ବିଧାୟକ ଏକନାଥ ସିନ୍ଦେ ଆଜି ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ। ଏଥିପାଇଁ ପ୍ରସ୍ତୁତ ଚାଲିଥିବା ବେଳେ ବଡ଼ ବୟାନ ଦେଇଛନ୍ତି ଏନସିପି ସୁପ୍ରିମୋ ଶରଦ ପାୱାର। ସିନ୍ଦେଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସରକାର ଆସନ୍ତା ୬ ମାସ ଭିତରେ ଭାଙ୍ଗି ଯିବ। ତେଣୁ ମହାରାଷ୍ଟ୍ରରେ ଆଗୁଆ ନିର୍ବାଚନ ହେବ ବୋଲି ଶ୍ରୀ ପାୱାର ଦମ୍ଭୋକ୍ତି କରିଛନ୍ତି। ଏନସିପିର ବିଧାୟକ ଓ ନେତାମାନଙ୍କୁ ସମ୍ବୋଧନ କରି ପାୱାର କହିଛନ୍ତି, "ମହାରାଷ୍ଟ୍ରରେ ଗଠନ ହୋଇଥିବା ନୂଆ ସରକାର ଆସନ୍ତା ୬ ମାସ ମଧ୍ୟରେ ଭାଙ୍ଗିଯିବ। ତେଣୁ ସମସ୍ତେ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ରହିଥାଆନ୍ତୁ। ସିନ୍ଦେଙ୍କୁ ସମର୍ଥନ କରୁଥିବା ଅଧିକାଂଶ ବିଧାୟକ ବର୍ତ୍ତମାନର ବ୍ୟବସ୍ଥାରେ ଅସନ୍ତୁଷ୍ଟ ରହିଛନ୍ତି। ମନ୍ତ୍ରୀ ପଦ ଓ ବିଭାଗ ମିଳିବା ପରେ ସେମାନଙ୍କ ମନରେ କୁହୁଳୁ ଥିବା ଅସନ୍ତୋଷ ବାହାରକୁ ଆସିବ। ଏହି ଅସନ୍ତୋଷ ଯୋଗୁ ସରକାର ଅଧାରୁ ଭାଙ୍ଗିଯିବ। ସ୍ଥିତି ଏପରି ▶▶ପୃଷ୍ଠା ୭

## ସୃଷ୍ଟି ହେଲା ଲଘୁଚାପ, ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୪/୦୭ (ନି.ପ୍ର): ଦକ୍ଷିଣ ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତୀ ଅଂଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ହେବା ଫଳରେ ସୋମବାର ଉତର ଓଡ଼ିଶା ପାର୍ଶ୍ୱବର୍ତୀ ଦକ୍ଷିଣ ଝାଡ଼ଖଣ୍ଡ ଓ ଗାଙ୍ଗୀୟ ପଶ୍ଚିମବଙ୍ଗ ଉପତ୍ୟକା ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣି ବଳୟଟି ବାୟୁମଣ୍ଡଳରେ ୫.୮ କି.ମି ଯାଏଁ ବ୍ୟାପିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ଏହି ଲଘୁଚାପ କ୍ଷେତ୍ର ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୪ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ଗଂଜାମ, ନୟାଗଡ଼, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୫ରୁ ୬ ତାରିଖ ମଧ୍ୟରେ ଗଜପତି, ଗଂଜାମ, ପୁରୀ,ଜଗତସିଂହପୁର, କଟକ, ଢେଙ୍କାନାଳ, ବଲାଙ୍ଗୀର, ବରଗଡ, ନୂଆପଡା,ସମ୍ବଲପୁର ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ରାଉରକେଲା ଶିକ୍ଷା ଜିଲ୍ଲା ଲାଗି ଖୁସି ଖବର : ସରକାର କଥା ଶୁଣିଲେ, ନିଯୁକ୍ତି ପାଇବେ ସିଟି ଏଜୁକେଶନ ଅଫିସର

ରାଉରକେଲା,୪/୦୭ (ନି.ପ୍ର): ରାଉରକେଲାରୁ ଶିକ୍ଷା ବିଭାଗର ଅଫିସ (ବିଇଓ ଅଫିସ) ବିଶ୍ରା ଉଠିଜିବା ପରେ ଏହି ଅଫିସ ଅଧିନରେ ଥିବା ୯୦ ଭାଗ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ମହଲରେ ଯେଉଁ ଚିନ୍ତା ଥିଲା ତାହାର ସମାଧାନ ସରକାର କରିଛନ୍ତି, ଯେଉଁ ଦାବି ଥିଲା ତାକୁ ମଧ ରାଜ୍ୟ ସରକାର ସହୃଦୟତାର ସହ ଶୁଣିଛନ୍ତି। ରାଉରକେଲା ସମେତ ୫ଟି ସ୍ଥାନରେ ଜିଲ୍ଲାପାଳ ମାନଙ୍କୁ ଏଡିଓ ର୍ୟାଙ୍କର ଅଫିସରଙ୍କୁ ନେଇ ସିଟି ଏଜୁକେଶନ ଅଫିସର ନିଯୁକ୍ତ କରି ସହରାଂଚଳ ଶିକ୍ଷା ବ୍ୟବସ୍ଥାକୁ ଚଳାଇବାକୁ ସରକାର ଆଦେଶ ଦେଇଛନ୍ତି । ଏନେଇ ୨ ତାରିଖରେ ଆଡିସନାଲ ସେକ୍ରେଟାରୀ ସମ୍ବିତ କୁମାର ନାୟକ ତାଙ୍କ ଚିଠି ନମ୍ବର ୧୪୦୨୨ରେ ଖୋର୍ଦ୍ଧା, କଟକ, ସମ୍ବଲପୁର, ଗଂଜାମ, ସୁନ୍ଦରଗଡ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖି ଜଣେ ସହକାରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସିଟି ଏଜୁକେଶନ ଅଫିସର ଭାବେ ଦାୟିତ୍ୱ ଦେବାକୁ କହିଛନ୍ତି ।ଏହି ଖବର ଆଜି ରାଉରକେଲା ଆଖ ପାଖରେ ପ୍ରଚାର ହେବା ପରେ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି । ଏହା ବ୍ୟତୀତ ରାଉରକେଲାରେ ଥିବା ବେସରକାରୀ ବିଦ୍ୟାଳୟ ଗୁଡିକ ଲାଗି ମଧ ଖୁସିର ଖବର ବୋଲି ମତପ୍ରକାଶ ପାଇଛି । ତେବେ ଏହି ଆଦେଶ ନାମାର ସମାଧାନ କିପରି ଜିଲ୍ଲାପାଳ କରିବେ ସେ ନେଇ ନାନା ପ୍ରଶ୍ନ ଉଠିଛି । ରାଜ୍ୟରେ ମୋଟ ୧୦୪ ଜଣ ପାଖା ପାଖି ଏଡିଓ ପଦବୀ ସୃଷ୍ଟି କରାଯାଇଥିଲା, ସରକାରଙ୍କ ଏହି ଆଦେଶନାମା ଅନୁଶାରେ ଆଉ ୪ରୁ ୫ ଏଡିଓ ଦରକାର, ଏତିକି ବେଳେ ସୁନ୍ଦରଗଡ ଜିଲ୍ଲାରେ ମାତ୍ର ଏଡିଓଙ୍କ ସଂଖ୍ୟା ୧, ତାଙ୍କ ଉପରେ ମଧ ଅନେକ ଚାପ ରହୁଛି, ଏତିକି ବେଳେ ଏହି ଆଦେଶ ନାମା ଅନୁଶାରେ ଜିଲ୍ଲାପାଳ ଏହି ଗୁରୁତ୍ୱପୁର୍ଣ ଦାୟିତ୍ୱ କାହାକୁ ଦେବେ ସେନେଇ ଆଲୋଚନା ଚାଲିଛି । ଜିଲ୍ଲାରେ ବର୍ତମାନ ନୂଆ ଜିଲ୍ଲାପାଳ ଯୋଗଦାନ କରିଛନ୍ତି। ଅବଶ୍ୟ ତାଙ୍କୁ ଏ ସମସ୍ୟା ସଂପର୍କରେ ବିଭାଗ ପକ୍ଷରୁ ସବୁ ଜଣାଯାଇଥିବ, ତେବେ ପଦବୀର ଦାୟିତ୍ୱ ନେବା ଲାଗି ଯଦି ଅଫିସର ନଥାନ୍ତି ସେ କଣ କରିପାରିବେ । ଏ ନେଇ ଜଣେ ପୁରାତନ ଶିକ୍ଷକ ସଂଜୟ ସାମଲ କହିଛନ୍ତି ଜଣେ ଦକ୍ଷ ଏଡିଓଙ୍କୁ ଏହି ପଦବୀରେ ରଖାଯାଇ ପୁରୁଣା ଡିଆଇ ଅଫିସକୁ ସିଟି ଏଜୁକେଶନ ଅଫିସ କରାଗଲେ ସମସ୍ତଙ୍କ ଲାଗି ସୁବିଧା ହେବ ଓ ମାନ୍ୟବର ବିଧାୟକ ଏହି ଅଫିସ ଗୃହ ଲାଗି ଯେଉଁ ଉଦ୍ୟମ କରିଥିଲେ ତାର ମଧ ସମ୍ମାନ ରହିବ । ସେହିଭଳି ନାମ ପ୍ରକାଶ ନକରି କିଛି ପୁରାତନ ଶିକ୍ଷକ କହିଛନ୍ତି ରାଉରକେଲାର ସେହି ଅଫିସକୁ ସିଟି ଏଜୁକେଶନ ଅଫିସ କରାଯାଉ, ଦରକାର ପଡିଲେ ବାହାରୁ ଜଣେ ଏଡିଓଙ୍କୁ ଏଠାକୁ ଅଣାଯାଉ ନଚେତ ଜିଲ୍ଲାରେ ଥିବା ଏଡିଓଙ୍କୁ ଏହି ଦାୟିତ୍ୱ ଦିଆଜିବା ସହ ତାଙ୍କୁ ସହଯୋଗ ଲାଗି ବିଶ୍ରା ବିଇଓଙ୍କୁ ଦାୟିତ୍ୱ ଦିଆଯାଉ । ଏହି ଅଫିସ କିଭଳି ଚାଲିଛି ଶିକ୍ଷକ, ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ନ୍ୟାୟ ପାଉଛନ୍ତି କି ନାହିଁ ତାକୁ ତୁରନ୍ତ ଦେଖିବା ଲାଗି ଜଣେ ପ୍ରଶାସନିକ ଅଧିକାରୀଙ୍କୁ ମଧ ଏଥିରେ ସଂଯୋଗ କରାଯାଉ ବୋଲି ମତପ୍ରକାଶ ପାଇଛି । ତେବେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଅଫିସ କାମ କରିବା ଆରମ୍ଭ କଲେ ଅନେକ ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ହେବା ସହ ବିଶ୍ରା ବିଇଓ ଅଫିସ କାମପୁର୍ଣ ଭାବେ କାମ କରୁନାହିଁ ବୋଲି ଯେଉଁ ଅଭିଯୋଗ ଆସୁଥିଲା ତାର ମଧ ସମାଧାନ ହୋଇପାରିବ । ଅନ୍ୟପକ୍ଷରେ ଯଦି ବିଇଓ ବିଶ୍ରାଙ୍କୁ ଏଡିଓଙ୍କ ସହ ସହଯୋଗ କରିବା ଲାଗି ରଖାଯାଏ ତେବେ ସମସ୍ୟାର ପୁରା ସମାଧାନ ନହେବା ଯାଏ ଜଣେ ବରିଷ୍ଠ ଏବିଇଓଙ୍କୁ ବିଶ୍ରା ଅଂଚଳ ବୁଝିବା ଲାଗି ରଖାଜିବାକୁ ମତପ୍ରକାଶ ପାଇଛି । ବର୍ତମାନ ସରକାରୀ ବ୍ୟବସ୍ଥାରେ ଅଫିସର କର୍ମଚାଚାରୀ ମାନଙ୍କ ସଂଖ୍ୟା ସବୁସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ନଥିବାରୁ ଏହି ପଦବୀ ଲାଗି ଏହିଭଳି ଏକ ସମାଧାନର ରାସ୍ତା ବାହାର କରାଯାଇ କାମ କରାଯାଇ ଅଭିଭାବକ, ପିଲା ଓ ଶିକ୍ଷକ ମାନଙ୍କୁ ସହଯୋଗ କରାଜିବାକୁ ଦାବି ହେଉଛି । ତେବେ ଏନେଇ ଜିଲ୍ଲାପାଳ ସୁନ୍ଦରଗଡଙ୍କୁ ଯୋଗାଯୋଗ କରାଜିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇନଥିଲା ।

# ସ୍ୱଚ୍ଛ ତୁମୁଡିବନ୍ଧ ପାଇଁ ସରପଂଚଙ୍କ ତତ୍ପରତା

କନ୍ଧମାଳ,୪/୦୭ (ନି.ପ୍ର): ନିର୍ବାଚନ ସମୟରେ ଘର ଘର ବୁଲି ଭୋଟ ଭିକ୍ଷା କରିବା ସହ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ ଯେ ମୁଁ ସବୁକିଛି ନ କରିଲେ ବି କିଛି କରିବି ନିର୍ବାଚନ ସରିଲା ପରେ ବିଜୟ ଲାଭ କରିଥିଲେ ସରପଂଚ ପ୍ରିୟଙ୍କା ପାତ୍ରା। ପରେ ଦାୟିତ୍ୱ ନେଇଥିଲେ ତୁମୁଡିବନ୍ଧ ପଂଚାୟତ ପଂଚାୟତର ସରପଂଚ ସ୍ୱଚ୍ଛ କରିବା ନିମନ୍ତେ ତୁମୁଡିବନ୍ଧ ପଂଚାୟତ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କେନ୍ଦ୍ର ତୁମୁଡିବନ୍ଧ ପର୍ଯ୍ୟନ୍ତ ଅଳିଆ ମୁକ୍ତ କରିଥିଲେ କିନ୍ତୁ ଅଳିଆ ତ ସବୁଦିନ ନିଜେ ସଫା କରିପାରିବେ ନାହିଁ ତେଣୁ କିଛି ଦିନର ବ୍ୟବଧାନ ପରେ ତୁମୁଡିବନ୍ଧ ପଂଚାୟତ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରଯ୍ୟନ୍ତ ଡଷ୍ଟବିନ ବିତରଣ କରିଥିଲେ କିନ୍ତୁ ତାପରେ ସରପଂଚ ରଥଯାତ୍ରା ଦିନ ମନ୍ଦିର କୁ ଗଲା ସମୟରେ ଦେଖିଲେ ବଜାର ମଧରେ ଥିବା ନାଳରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଛି । ଶନିବାର ଦିନ ସକାଳୁ ବର୍ଷା ହୋଇଥିଲେ ମଧ ବର୍ଷାକୁ ଖାତିର ନ କରି ସକାଳୁ ଲାଗିପଡ଼ିଥିଲେ ଅଳିଆ ମୁକ୍ତ ତୁମୁଡିବନ୍ଧ କରିବା ନିମନ୍ତେ ଅଂଟା ବିଡିଛନ୍ତି ଏହାକୁ ଦେଖି ତୁମୁଡିବନ୍ଧ ଅଂଚଳର ବାସିନ୍ଦା ପ୍ରଶଂସା କରିବା ସହ ତୁମୁଡିବନ୍ଧ ଅଂଚଳର ପରିବର୍ତନ ହେବ ବୋଲି ମନରେ ଆଶା ରଖିଛନ୍ତି ।

# ବୋଡ଼େନ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୂଆପଡ଼ା,୪/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୋଡ଼େନ ପଚାଂୟତ ସମିତି ସଭା ଗୃହ ଠାରେ ବୋଡ଼େନ ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରାଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବୋଡ଼େନ ତହସିଲଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବୋଡ଼େନ ସିଆରସିସି ସଂଘର ସଭାପତି ତଥା ସିଆଲଲଟିର ବୈଷ୍ଣବ ଦୁରିଆ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବୋଡ଼େନ ବିଜୁ ପଟ୍ଟନାୟକ ମହା ବିଦ୍ୟାଳୟର ଓଡ଼ିଆ ଅଧାପକ ରବି ରଞ୍ଜନ ପ୍ରଧାନ ମଂଚାସିନ ଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରେମାନନ୍ଦ ନାଏକ, କ୍ଷେମରାଜ୍ ମହାପାତ୍ର, ଦିଲ୍ଲୀପ କୁମାର ଦାସ ପ୍ରମୁଖ ସଭାରେ ଯୋଗ ଦେଇଥିଲେ । ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ଅବସର ଗ୍ରହଣ କରିଥିବା ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରାଙ୍କ ଶିକ୍ଷକତା ଜୀବନର ଆରମ୍ଭ ଠୁ ଶିକ୍ଷା ଅଧିକାରୀ ପର୍ଯ୍ୟନ୍ତ, ନିର୍ଭିକ, ନିଷ୍କଳଙ୍କ, ଅନୁଭୂତି ସମ୍ପର୍ଣ୍ଣ ଦାୟୀତ୍ୱ ତୁଲାଇଥିବା ତଥା ସହକର୍ମୀ ମାନଙ୍କ ସହିତ ଉତମ ସମ୍ପର୍କ ସ୍ଥାପନ କରି ସୁକାର୍ଯ୍ୟ ତୁଲାଇଥିବା ଉପରେ ନିଜନିଜ ବକ୍ତବ୍ୟ ରଖିଥିଲେ ଓ ତାଙ୍କ ଅନୁଭୂତିର ସ୍ମୃତିଚାରଣ କରିଥିଲେ । ଶ୍ରୀ ବେହେରା ସେ ତାଙ୍କ ୨୨ବର୍ଷ ବୟସରୁ ଶିକ୍ଷା ବିଭାଗରେ ଯୋଗଦାନ କରି ୩୮ ବର୍ଷ ଶିକ୍ଷା ବିଭାଗରେ ନିଷ୍ଠାପର ଶିକ୍ଷା, ସେବା ଓ ତାଙ୍କ ଅବଦାନ ଶିକ୍ଷା ବିଭାଗ ପାଇଁ ଚିର ସ୍ମରଣୀୟ ହୋଇ ରହିବ ବୋଲି ପ୍ରେମାନନ୍ଦ ନାଏକ ମତ ରଖିଥିବା ବେଳେ କରଙ୍ଗାମାଲ ଜିତେନ୍ଦ୍ର କୁମାର ହଂସ ମାନପତ୍ର ପଠନ କରିଥିଲେ ।

# ଜିଲ୍ଲା ପ୍ରେସ କ୍ଲବ ଓ ସମାଜ ପକ୍ଷରୁ ଗରିବ ଅସହାୟଙ୍କୁ ଛତା ପ୍ରଦାନ

କନ୍ଧମାଳ ,୪/୦୭ (ନି.ପ୍ର): ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ଚଉରା ନବେ ତମ ପୁଣ୍ୟ ତୀଥି ଅବସରରେ ସମାଜ ପକ୍ଷରୁ ଗତ ୨୯ ତାରିଖ ରୁ ଆରମ୍ଭ ହୋଇଥିବା ସେବା ସପ୍ତାହ ଅବସରରେ ୩ ତାରିଖ ରବିବାର ଅପରାହ୍ନ ୫ଟା ରେ ଫୁଲବାଣୀ ସହର ର ନୁଆସାହି ଛକ ସ୍ଥିତ ଦଧିବାମନ ମନ୍ଦିର ପ୍ରାଙ୍ଗଣ ରେ କିଛି ଗରିବ ଅସହାୟ ଲୋକଙ୍କୁ ସମାଜ ଓ ପ୍ରେସ କ୍ଲବ ପକ୍ଷରୁ ବର୍ଷାଦିନ ଯୋଗୁଁ ଛତା ପ୍ରଦାନ କରାଯାଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ସମାଜ ଜିଲ୍ଲା ପ୍ରତିନିଧି ଅଶୋକ ମହାନ୍ତି, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗଲ, ରାଧାମୋହନ ମହାପାତ୍ର, ଅଚ୍ୟୁତ ସେଠି, ଟିମ ହ୍ୟୁମାନିଟି ର ପ୍ରଶାନ୍ତ ପାଣିଗ୍ରାହୀ, ଅନୁପ ବିକ୍ରମ ପାତ୍ର ସାଇରାମ ପାତ୍ର, ଗୌର ଚନ୍ଦ୍ର ସାହୁସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ରହି ଛତା ବଂଟନ କରିଥିଲେ। ବର୍ଷା ଦିନ ରେ ଛତା ସେମାନ ଙ୍କୁ ଯିବା ଆସିବା ରେ ବହୁତ ସାହାଯ୍ୟ କରିବ ବୋଲି କହିବା ସହ ଛତା ଟିଏ ପାଇବା ପରେ ସେମାନଙ୍କ ମୁହଁରେ ହସ ବେଶ ବାରି ହୋଇପଡୁଥିଲା ଆଉ ସମାଜ ସଂସ୍ଥା ସହ ଜିଲ୍ଲା ପ୍ରେସ କ୍ଲବର ଉଜ୍ୱଳ ଭବି ଷ୍ୟତ କାମନା କରିବାସହ ଏଭଳି କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିଥିଲେ।

# ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ

ବଲାଙ୍ଗିର,୪/୦୭ (ନି.ପ୍ର): ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଲାଙ୍ଗିରର ଆନୁକୂଲ୍ୟରେ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ମଲିଆ ଗଡୁଆ ସଂଯୋଜନା କରିଥିଲେ । ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ସତ୍ୟନାରାୟଣ ମାଝି ଏବଂ ଆଂଚଳିକ ପ୍ରବନ୍ଧକଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମକର୍ତା ବୃନ୍ଦ ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ । କର୍ମଚାରୀ ସଂଘର ଉପସଭାପତି ପ୍ରଶନ୍ନ କୁମାର ମିଶ୍ର ଓ ପର୍ଶୁରାମ ନାୟକ, ଯୁଗ୍ମ ସଂପାଦକ ପୁରୁଷୋତମ ପଣ୍ଡା, କାର୍ଯ୍ୟକାରୀ ସଭ୍ୟ ଗୋପବନ୍ଧୁ ପୁରୋହିତ, କୃଷ୍ଣଚନ୍ଦ୍ର ମହାକୁର, ହରେକୃଷ୍ଣ ପଟେଲ, ମନୋରଂଜନ ମିଶ୍ର, ରଘୁନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଦୀପ କୁମାର ସାହୁ, ନିଳମଣି ମିଶ୍ର ସମେତ ୩୧ ଜଣ କର୍ମଚାରୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଇଥିଲେ । ଏତଦ୍ ବ୍ୟତିତ ସଂଘର ଅଶୋକ କୁମାର ଚାନ୍ଦ, ଯୋଗେଶ୍ୱର ପଣ୍ଡା, ବିନୋଦ ବିହାରୀ ସିଂହ, ନରସିଂହ ରାଓ, ଶ୍ରଦ୍ଧାକର କମ୍ପ, ନିଳମଣି ପ୍ରଧାନ, ପାଣ୍ଡବ ପଧାନ, ନିମାଇଁ ଚରଣ ମେହେର, ଗୋପାଳ ଚନ୍ଦ୍ର ନାଏକ, ଲୋକନାଥ ନେପାକ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ପରେ ବ୍ୟାଙ୍କ କର୍ମକର୍ତା ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘ ମଧରେ ଏକ ଆଲୋଚନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ସଂଘର ସଂପାଦକ ଶ୍ରୀ ଗଡୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଶ୍ରୀ ବଳଦେବଜୀଉ ମନ୍ଦିର ସଫେଇ

କେନ୍ଦ୍ରାପଡ଼ା,୪/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଇଛାପୁର ସ୍ଥିତ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ପରିସରକୁ ସଫେଇ କରାଯାଇଛି । ସଭାପତି ରାମଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆବାହକ ପ୍ରମୋଦ କୁମାର ନାୟକ, ନୃସିଂହ ଚରଣ ତ୍ରିପାଠୀ, ଗୌରାଙ୍ଗ ମୁଦୁଲି, ଲକ୍ଷ୍ମଣ ସାହୁ, ପରିକ୍ଷୀତ ସାହୁ, ମନୋଜ ସୁତାର ପ୍ରମୁଖ ଉପସ୍ଥିତ ରହି ମନ୍ଦିର ବେଢା ଓ ଆଖପାଖ ଅଂଚଳ ସଫେଇ କରିଥିଲେ ।

# ମେଡିକାଲ ସମସ୍ୟା : ପ୍ରତିଶ୍ରୁତି ପରେ ଗଣଧାରଣା ପ୍ରତ୍ୟାହୃତ

ଗଞ୍ଜାମ,୪/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଓ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଦାବିରେ ଗତକାଲି ଖଲ୍ଲିକୋଟ ପ୍ରେସ କ୍ଲବ ପକ୍ଷରୁ ଗଣଧାରଣା ଦିଆଯାଇଥିଲା ।

ଖଲ୍ଲିକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖଲ୍ଲିକୋଟ ବ୍ଲକର ୨୯ ଗୋଟି ପଂଚାୟତ, ଖଲ୍ଲିକୋଟ ଏନଏସି ସମେତ ପଡୋଶୀ ବ୍ଲକର ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରୁଥିବା ବେଳେ ୫ ଗୋଟି ଏମବିବିଏସ ଡାକ୍ତର ଓ ତିନି ଗୋଟି ବିଶେଷଜ୍ଞ ଡାକ୍ତର ପଦବୀ ଦୀର୍ଘଦିନ ହେଲା ଖାଲି ପଡିଛି । ମାତ୍ର ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ପ୍ରତିଦିନ ୪୦୦ ବହିଃ ଚିକିତ୍ସା ରୋଗୀଙ୍କ ସମେତ ଦୁର୍ଘଟଣା ଗ୍ରସ୍ତ ରୋଗୀ ଓ ଦୈନିକ ୧୨ ଜଣ ମହିଳାଙ୍କୁ ପ୍ରସବ କରାଇବା ନେଇ ରୋଗୀ ମାନଙ୍କୁ ହନ୍ତ ସନ୍ତ ହେବା ନେଇ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଲେ ମଧ କେହି କର୍ଣ୍ଣପାତ ନ କରିବା ଫଳରେ ଶନିବାର ଦିନ ଖଲ୍ଲିକୋଟ ପ୍ରେସ କ୍ଲବ ନେତୃତ୍ୱରେ ସହରର ବରିଷ୍ଠ ନାଗରିକ ମଂଚ, ଓକିଲ ସଂଘ, ରାହାଣ ଦେବୀ ଟ୍ରକ ମାଲିକ ସଂଘ, ବଜରଙ୍ଗ ଦଳ, ବଣିକ ସଂଘ ଭଳି ୧୦ ଗୋଟି ସଂଗଠନର କର୍ମକର୍ତା ମାନଙ୍କ ସହଯୋଗରେ ଏକ ଦିବସୀୟ ଶାନ୍ତି ପୂର୍ଣ୍ଣ 'ଗଣଧାରଣା ' ଖଲ୍ଲିକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ପ୍ରେସ କ୍ଲବ ସଭାପତି ଅଶୋକ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଗଣଧାରଣାରେ ବରିଷ୍ଠ ନାଗରିକ ମଂଚର ସଭାପତି ଡ଼ଃ .ହରପ୍ରସାଦ ମହାପାତ୍ର, ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କ୍ଷିତୀଶ ରଥଙ୍କ ସମେତ ଖଲ୍ଲିକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଆଇନଜୀବୀ ସିମାଚଂଳ ବେହେରା, ରଘୁନାଥ ଗୌଡ଼, କୃଷ୍ଣଚନ୍ଦ୍ର ପଣ୍ଡା, ଅରୁଣ କୁମାର ସିଂ, ପ୍ରଦୀପ କୁମାର ସେଠି, ମେଘନାଦ ଦଳାଇ ପୂର୍ବତନ କାଉନସିଲର ବିପିନ ବିହାରୀ ସାମନ୍ତ, ୧ ନମ୍ବର ଓ୍ୱାର୍ଡ କାଉନସିଲର ସୁଜାତା ସାମନ୍ତ, ନାରୀନେତ୍ରୀ ଅହଲ୍ୟା ଜେନା, ରବି ସ୍ୱାଇଁ, ଟ୍ରକ ମାଲିକ ସଂଘ ସଭାପତି ଚକ୍ରପାଣି ରାଉତ, ସମ୍ପାଦକ ପ୍ରକାଶ ମିଶ୍ର, ଉପ ସଭାପତି ତପନ କୁମାର ଆଚାର୍ଯ୍ୟ, ବିଜେଡି ନଗର ସଭାପତି ନରେନ୍ଦ୍ର କୁମାର ପାତ୍ର, ପୂର୍ବତନ ସରପଂଚ ମନୋଜ ପ୍ରଧାନ, ନିରଞ୍ଜନ ନାୟକ, ପୂର୍ବତନ ନଗରପାଳ ରାମ ମୋହନ ପଣ୍ଡା ପ୍ରମୁଖ ଡାକ୍ତର ମରୁଡି ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ତୁରନ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଘୋଷଣା ନ କଲେ ଆନ୍ଦୋଳନକୁ ଗ୍ରାମାଚଂଳ ପର୍ଯ୍ୟନ୍ତ ନିଆଯିବ ବୋଲି ସତର୍କ କରାଇଥିଲେ । ଧାରଣାସ୍ଥଳରେ ତହସିଲଦାର ରାଜ କିଶୋର ପଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡ଼ଃ .ଜଗଦୀଶ ପଟନାୟକ ଓ ଡ଼ଃ .ପ୍ରଦୀପ କୁମାର ଗନ୍ତାୟତ ଉପସ୍ଥିତ ଧାରଣକାରୀଙ୍କୁ ଆଗାମୀ ୧୫ ଦିନ ମଧରେ ବିଶେଷଜ୍ଞ ପଦବୀ ପୂରଣ ଓ ଦୁଇଜଣ ଏମ ବି ବି ଏସ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶୃତି ଦେବା ସହ ତୁରନ୍ତ ତୁରନ୍ତ ଦୁଇ ଜଣ ଡାକ୍ତରଙ୍କୁ ଡେପୁଟେସନରେ ଅଣାଯିବ ଓ ଏକ ଅଲଟ୍ରା- ସାଉଣ୍ଡ ମେସିନ ଓ ଏକ ଜେନେରେଟର ଓ ବ୍ଲଡ଼ ଟ୍ରାନ୍ସଫ୍ୟୁଜନ ମେସିନ ଓ ଆନୁସଙ୍ଗିକ ଅସୁବିଧାକୁ ଦୂର କରାଯିବା ପ୍ରତିଶୃତି ଦେବା ପରେ ଧାରଣାରୁ ହଟିଥିଲେ।

ଅନ୍ୟମାନଙ୍କ ମଧରେ ବରିଷ୍ଠ ସାମ୍ବାଦିକ ମାଧବ ବେହେରା, ପ୍ରେସ କ୍ଲବ ଉପ ସଭାପତି ଅଶ୍ୱିନ କୁମାର ମହାନ୍ତି, ସମ୍ପାଦକ ମନମୋହନ ସାହୁ, ବରିଷ୍ଠ ସାମ୍ବାଦିକ ବିଭୁତି ଭୂଷଣ ତ୍ରିପାଠୀ, ସୁନୀଲ ମହାପାତ୍ର, ପ୍ରିୟରଞ୍ଜନ ପଣ୍ଡା ଓ ଗଣେଶ ମଲ୍ଲିକ, ଦୀପକ ରଣା, ଦୀପକ ସ୍ୱାଇଁ ପ୍ରମୁଖ ଗଣଧାରଣାରେ ସାମିଲ୍ ହୋଇଥିଲେ ।

# ଜିଲ୍ଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଜରୁରୀ ବୈଠକ

କେନ୍ଦ୍ରାପଡ଼ା,୪/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଜରୁରୀ ବୈଠକ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂପାଦକ କିଶୋର ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭ୍ୟ ତଥା ଜିଲ୍ଲା ସଂଘର ସଭାପତି ଗୈରାଙ୍ଗ କରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ପ୍ରଶାନ୍ତ କୁମାର ଦାସ, ଦେବେନ୍ଦ୍ର ନାୟକ, ମହେଶ୍ୱର ବେହେରା, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ଧନ୍ଦା ମୂଳକ ଶିକ୍ଷା ବିଭାଗର ମନମୁଖୀ ପାଇଁ ଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧାରରେ

ରାଇରଙ୍ଗପୁର, ୦୪/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡରେ ଥିବା ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ବିଦ୍ୟାଳୟରୁ ଉତୀର୍ଣ୍ଣ ହୋଇ ବହୁ ଛାତ୍ରୀ ଅନେକ ପଦପଦବୀ ମଣ୍ଡିତ କରିଛନ୍ତି। ବର୍ତମାନ ଏହି ବିଦ୍ୟାଳୟର ମୋଟ ଛାତ୍ରୀ ସଂଖ୍ୟା ୧୦୦୦ ରୁ ଅଧିକ। ୨୦୧୯ ମସିହାରେ ଓଡିଶା ମାଧ୍ୟମିକ ଶିକ୍ଷା ମିଶନ ମାଧ୍ୟମରେ ଏହି ବିଦ୍ୟାଳୟରେ ନୂତନ କରି ଧନ୍ଦାମୂଳକ ଶିକ୍ଷା ଦୁଇଟି ବିଭାଗରେ ଯଥା କୃଷି ବିଭାଗ ଓ ବୈଦ୍ୟୁତିକ ବିଭାଗ ଖୋଲିଥିଲା ଏବଂ ପ୍ରଥମ କରି ଧନ୍ଦାମୂଳକ ଶିକ୍ଷକ ନିଯୁକ୍ତି ପାଇଥିଲେ। ଏଆଇସେକ୍ଟ ପ୍ରଶିକ୍ଷଣ ସଂସ୍ଥା ଦ୍ୱାରା ଦୀପ୍ତିମନ୍ତ ପାଇକରାୟ ଧନ୍ଦା ମୂଳକ( କୃଷି ବିଭାଗ )ରେ ପ୍ରଶିକ୍ଷକ ଭାବେ ଜାନୁଆରୀ ୨୦୧୯ ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଥିଲେ। ଚାକିରୀରେ ଯୋଗଦାନ ଠାରୁ ଦୀପ୍ତିମନ୍ତ ପାଇକରାୟ ନିଜ କାର୍ଯ୍ୟକୁ ସଠିକ ରୂପରେ ପରିଚାଳନା କରି ଆସୁଥିଲେ। ତତ ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ବିଦ୍ୟାଳୟର ଅନ୍ୟ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ମଧ କରିଆସୁଥିଲେ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମଧ ପାରଦର୍ଶିତା (ପରଫରମାନ୍ସ) ପ୍ରମାଣପତ୍ର ପ୍ରତି ବର୍ଷ ଉକ୍ତ ସଂସ୍ଥାକୁ ଦେଇ ଆସୁଥିଲେ। କିନ୍ତୁ ଦୁଃଖର ବିଷୟ ଏହିକି ଯେ, ୩୦.୦୬.୨୦୨୨ ପରେ ତାଙ୍କର ଚାକିରୀକୁ ଉକ୍ତ ସଂସ୍ଥା ଦ୍ୱାରା ନବୀକରଣ (ରେନ୍ୟୁଆଲ) କରାଯାଇନାହିଁ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ତ୍ରିପାଠୀ ଉକ୍ତ ସଂସ୍ଥାର ଧନ୍ଦାମୂଳକ ଶିକ୍ଷା ସଂଯୋଜକ ଶୁଭ୍ରାଂଶୁମୋହନ ଓଝାଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ ଚାକିରିରୁ କୌଣସି କାରଣ ନଥାଇ ବହିଷ୍କାର କରାଯାଇଛି ବୋଲି କହିଥିଲେ। ଏହା ଶୁଣିଲା ପରେ ସମସ୍ତ ଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧରେ ଅସନ୍ତୋଷର ବାତାବରଣ ଖେଳିଯାଇଛି। ଦୀପ୍ତିମନ୍ତ ପାଇକରାୟ ଜଣେ ଦକ୍ଷ, ମେଳାପୀ, ଛାତ୍ରବତ୍ସଳ ଶିକ୍ଷକ ଅଟନ୍ତି। ତେଣୁ ଏହି ଭଳି ଜଣେ ଭଲ ଶିକ୍ଷକଙ୍କୁ ଆକ୍ରୋଶ ମୂଳକ ଭାବେ ଚାକିରୀରୁ ବହିଷ୍କାର କରାଯାଇ ଥିବାରୁ ଆଜି ବିଦ୍ୟାଳୟ ପରିଚାଳନା କମିଟି (ଏସ ଏମ.ସି) ଦ୍ୱାରା ଏକ ଜରୁରୀକାଳୀନ ବୈଠକର ଆୟୋଜନ କରାଯାଇଥିଲା। ଶ୍ରୀ ପାଇକରାୟଙ୍କ ପରି ଜଣେ ନିପୁଣ ଶିକ୍ଷକଙ୍କର ବିଦ୍ୟାଳୟରେ ଆବଶ୍ୟକତା ଅଛି ବୋଲି ସମସ୍ତେ ମତ ପୋଷଣ କରିଥିଲେ ଏବଂ ସଦସ୍ୟ ମାନଙ୍କ ଦ୍ୱାରା ନିର୍ଦ୍ଦେଶକ ଓସେପା, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉର୍ଦ୍ଦେଶ୍ୟରେ ଏକ ପତ୍ର ପ୍ରେରଣ କରାଯାଇ ଶ୍ରୀଯୁକ୍ତ ପାଇକରାୟଙ୍କୁ ପୁନଃ ଅବସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ପ୍ରକାଶ ଥାଉକି ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କପିଳେନ୍ଦ୍ର ଦାସ (ବର୍ତମାନର ଗୋଷ୍ଠୀ ଶିକ୍ଷା ଅଧିକାରୀ, କୁସୁମୀ) ନିଜର ପତ୍ର ସଂଖ୍ୟା ନଂ ୯୬ ରିଖ ୨୯.୦୩.୨୦୨୨ରେ ଦୀପ୍ତିମନ୍ତ ପାଇକରାୟଙ୍କୁ ଉଦେଶ୍ୟମୂଳକ ଭାବେ ଚାକିରୀରୁ ବହିଷ୍କାର କରିବା ପାଇଁ ଲେଖିଥିଲେ। ପରବର୍ତୀ ସମୟରେ ରାଇରଙ୍ଗପୁରର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପେ ୦୫.୦୪.୨୦୨୨ ରିଖରେ ଯୋଗଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ(ବି.ଇ.ଓ) ନିଜର ପତ୍ର ସଂଖ୍ୟା ୧୩୦ ତାରିଖ ୧୧.୦୫.୨୦୨୨ ରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପତ୍ରକୁ ସମ୍ପୂର୍ଣ ଭିତିହୀନ ଓ ଅସତ୍ୟ ବୋଲି ଦର୍ଶାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିଲେ। ତତ ସହିତ ବିଦ୍ୟାଳୟର ସମସ୍ତ ଛାତ୍ରୀ ଏବଂ କର୍ମଚାରୀ ବୃନ୍ଦ ପତ୍ର ସଂଖ୍ୟା ୧୩୪ ତାରିଖ ୧୪.୦୫.୨୦୨୨ ମାଧମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇ ଥିଲେ। ଉକ୍ତ ଚିଠିକୁ ଆଧାର କରି ଜିଲ୍ଲା ଶିକ୍ଷା ଅଧିକାରୀ ସହକାରୀ ନିର୍ଦ୍ଦେଶକ (ଧନ୍ଦାମୂଳକ ଶିକ୍ଷା)ଙ୍କୁ ନିଜର ପତ୍ର ସଂଖ୍ୟା ୨୫୨୬ ତାରିଖ ୧୦.୦୬.୨୦୨୨ ରେ ଦୀପ୍ତିମନ୍ତ ପାଇକରାୟଙ୍କର ନିଯୁକ୍ତିକୁ ନବୀକରଣ କରିବାକୁ କହିଥିଲେ। କିନ୍ତୁ, ଦୁର୍ଭାଗ୍ୟର ବିଷୟ ସମସ୍ତଙ୍କର ବିବରଣୀ (ରିପୋର୍ଟ) କୁ ଅଣଦେଖା କରି (ଏ.ଆଇ.ଏସ.ଇ.ସି.ଟି) ପ୍ରଶିକ୍ଷଣ ସଂସ୍ଥା ଦୀପ୍ତିମନ୍ତ ପାଇକରାୟଙ୍କ ଚାକିରୀକୁ ନବୀକରଣ କରାଯାଇ(ପୁନଃ ପ୍ରଚଳନକ୍ଷ) କରାଯାଇନାହିଁ ବୋଲି ତତ ସମ୍ବନ୍ଧୀୟ ଇ ମେଲ ଯୋଗେ ପ୍ରେରଣ କରିଛି। ଆଲୋଚ୍ୟର ବିଷୟ ଏହିକି ଯେ ମୟୁରଭଞ୍ଜର ଅନ୍ୟ ଏକ ବିଦ୍ୟାଳୟ ସରକାରୀ ଉଚ୍ଚ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକଙ୍କ ରିପୋର୍ଟ ଆଧାରରେ ପୁନଃ ନିଯୁକ୍ତି କରାଯାଇଥିବା ବେଳେ ଦୀପ୍ତିମନ୍ତ ପାଇକରାୟଙ୍କ କ୍ଷେତ୍ରରେ ପ୍ରଧାନ ଶିକ୍ଷୟିତ୍ରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ,ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଅବମାନନା କରାଯାଇଛି।

# ଶିକ୍ଷାର ବିକାଶ ପାଇଁ ମୁଁ ସଦା ତତ୍ପର ଓ ଦୃଢ ପରିକର : ତାରାପ୍ରସାଦ ବାହିନୀପତି

ଜୟପୁର,୦୪/୦୭ (ନି.ପ୍ର): ବୋରିଗୁମ୍ମା କିଶୋର ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ,ତରାଭଟ୍ଟାରେ 'ନୂତନ ଶ୍ରେଣୀ ପ୍ରକୋଷ୍ଠ ଉଦ୍‌ଘାଟନୀ ଉତ୍ସବ' ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଏହି ତିନୋଟି ଶ୍ରେଣୀ କକ୍ଷ ଉଦ୍ଘାଟନ ଉତ୍ସବରେ କଲେଜ ସଭାପତି ଶ୍ରୀ ଲକ୍ଷ୍ମୀ ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲାବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ନୃସିଂହନାଥ ଶତପଥୀ, ପଂଚାୟତ ସମିତି ସଭ୍ୟା ପଦ୍ମିନୀ ନାୟକ ଓ ବୋରିଗୁମ୍ମା ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଅଶୋକ ଗନ୍ତାୟତ ଉପସ୍ଥିତ ଥିଲେ । ଅଧାପକ ସରୋଜ କୁମାର ପ୍ରହରାଜ ଓ ସୁଶ୍ରୀ ତପସ୍ୱିନୀ ସାହୁ ମଂଚ ପରିଚାଳନା କରିଥିଲେ । ଓଡ଼ିଆ ଅଧାପକ ଶ୍ରୀ ସରୋଜ କୁମାର ପ୍ରହରାଜ ଅତିଥିମାନଙ୍କ ପରିଚୟ ପ୍ରଦାନ କରି କଲେଜର ସଂକ୍ଷିପ୍ତ ଇତିହାସ ଓ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ। ମହାବିଦ୍ୟାଳୟ ସଂପାଦକ ଶ୍ରୀ ଗଣେଶ୍ୱର ମହାପାତ୍ର ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନାର ବିଭିନ୍ନ ବିନ୍ଦୁ ଉପରେ ଆଲୋକପାତ କରିଥିଲାବେଳେ, ସମ୍ମାନିତ ଅତିଥି ତଥା ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଶତପଥି ନିଜ ଅଂଚଳରେ ଶିକ୍ଷାର ବିକାଶ ପାଇଁ ୨ ବିଜ୍ଞାନ କଲେଜ କିଭଳି ଅତି ଶୀଘ୍ର ହେବ ସେ ଉପରେ ଜୋର୍ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ତାରାପ୍ରସାଦ ବାହିନୀପତି ଶିକ୍ଷା କ୍ଷେତ୍ରରେ ଶିକ୍ଷାର ବିକାଶ ପାଇଁ ମୁଁ ସଦା ତତ୍ପର ଓ ଦୃଢ ପରିକର ବୋଲି ମତପୋଷଣ କରିବା ସହ ଆଗାମୀ ଦିନରେ ମହାବିଦ୍ୟାଳୟର ବିକାଶ ପାଇଁ ଅକୁଣ୍ଠିତ ଚିତରେ ସାହାଯ୍ୟର ହସ୍ତ ପ୍ରସାରିତ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ଅଧକ୍ଷ ବିଜୟ ମହାପାତ୍ର, ବିଧାୟକ ପ୍ରତିନିଧି ଶ୍ରୀ ବାଳକୃଷ୍ଣ ଦେବତା, କୋଷାଧକ୍ଷ ଶ୍ରୀ ଅଖିଳ ପଣ୍ଡା, ସୁଶାନ୍ତ ଦୋରା, ସଂଗ୍ରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ନିମନ୍ତ୍ରଣ ଜଣାଇଥିଲେ। ଶୁଭସ୍ମିତା ତ୍ରିପାଠୀଙ୍କ ନେତୃତ୍ୱରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପାଠ କରିଥିଲାବେଳେ, ଶେଷରେ ଅଧାପିକା ସ୍ନେହଲତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜ ସେବା ଓ ସେବକ ସପ୍ତାହ, ସ୍ୱାଭିମାନ ଅଂଚଳରେ ମେଘା ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି,୦୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳରେ ସମାଜର ସେବା ଓ ସେବକ ସପ୍ତାହ ଉପଲ କ୍ଷେ ମାଓ ପ୍ରବଣ ଅଂଚଳ ପାପରମେଟଲା ଠାରେ ମେଘା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାର ବରିଷ୍ଠ ଭେସଜ ବିଶେଷଜ୍ଞ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ସେ ସ୍ଥାନୀୟ ଆଦିବାସୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କିଭ ଳି ଅନ୍ଧ ବିଶ୍ୱାସ ଓ କୁ ସଂସ୍କାରରେ ଦୁରେଇ ରହିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଶେ ଷ କରି ଗୁଣି ଗାରେଡିର ବଶବର୍ତୀ ହୋଇ ଆଜି ବି ବହୁ ଆଦିବାସୀ ଚିକିତ୍ସା ନିମନ୍ତେ ଗୁଣି ଗାରେଡି କରି ମୃତ୍ୟୁମୁଖରେ ପଡୁଥିବା ବେଳେ ବିଶେଷ କରି ଆଦିବାସୀ ଅଧୁଷିତ ଅଂଚଳରେ ଏଭଳି ଦେଖିବାକୁ ମିଳିଛି। ତେବେ ପରମ୍ପରାକୁ ସେ ବିରୋଧ କରୁନାହାନ୍ତି କିନ୍ତୁ ଗର୍ଭବତୀ ମହିଳା ମାନେ ଠିକ୍ ସମୟରେ ଯେଭଳି ଚିକିତ୍ସା ପାଇପାରିବେ ସେ ସମ୍ପର୍କରେ ବୁଝାଇବା ସହ ଗୋପବନ୍ଧୁ କିଭଳି ହଇଜା ଭଳି ମହାମାରିରେ ଆକ୍ରାନ୍ତ ଲୋକଙ୍କୁ ସେବା ତାଙ୍କର ପ୍ରଥମ କର୍ତବ୍ୟ ଥିବା ସେ କହିଛନ୍ତି। ତାଙ୍କ କର୍ତବ୍ୟରେ ଯେଉଁ ସେବା ମନୋବୃତି ଚିକିତ୍ସା କ୍ଷେତ୍ରରେ ମଧ ସବୁ ଡାକ୍ତର ମାନେ ଅନୁସରଣ କରିବା ଉଚିତ ବୋଲି କହିଥିଲେ। ଦେଶ ଓ ଜାତିର ଘୋର ଦୁର୍ଦିନ ସମୟରେ ବନ୍ଧୁ ସମୟର ଗୋପବନ୍ଧୁଙ୍କ ଅସୀମ ତ୍ୟାଗ, ନିଃସ୍ୱାର୍ଥପର ସେବା ଓ ଜନହିତକର କାର୍ଯ୍ୟକୁ ମନେ ପକାଇବା ପାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବ ସରରେ ୨୦୦ରୁ ଉର୍ଦ୍ଧ ଅଂଚଳ ବାସୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ବଂଟନ କରା ଯାଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଉପର ମୁହାଁ କରୋନା...

କରୋନା ବା କୋଭିଡ୍-୧୯ ମହାମାରୀ ଆକ୍ରାନ୍ତଙ୍କ ସଂଖ୍ୟା ପୁଣିଥରେ ଉପରମୁହାଁ ହେବାକୁ ଆରମ୍ଭ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ, ଭାରତରେ ନୂଆ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ୧୭,୦୭୦ ଯୋଗ ହୋଇଛି, ଯାହା ମୋଟ୍ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟାକୁ ୪,୩୪,୬୯,୨୩୪କୁ ନେଇଥିବାବେଳେ ସକ୍ରିୟ ରୋଗୀଙ୍କ ସଂଖ୍ୟା ଶୁକ୍ରବାର ଦିନ ୧, ୦୭,୧୮୯ ହୋଇଥିଲା। ମୋଟାମୋଟି ୧୨୨ ଦିନର ଅନ୍ତର ପରେ ଗତ ଗୁରୁବାର ଦିନ ସକ୍ରିୟ କୋଭିଡ୍ ମାମଲାର ସଂଖ୍ୟା ଏକ ଲକ୍ଷ ଅତିକ୍ରମ କରିଛି। ଶୁକ୍ରବାର ସୁଦ୍ଧା ଏହି ରୋଗରେ ସଂକ୍ରମିତଙ୍କ ମଧ୍ୟରୁ ପ୍ରାଣହାନି ଘଟିବା ସଂଖ୍ୟାରେ ୨୩ଯୋଡ଼ି ହୋଇ ମୋଟ୍ ମୃତ୍ୟୁ ସଂଖ୍ୟା ୫ ଲକ୍ଷ ୨୫ ହଜାରକୁ ଟପିଛି। ଅର୍ଥାତ ଚାରିମାସ ପରେ ପୁଣିଥରେ କରୋନା ମହାମାରୀ ତାର କାୟା ବିସ୍ତାର କରିବାକୁ ଆରମ୍ଭ କରିଛି ସାରା ଦେଶରେ। ପୁନଶ୍ଚ, କେବଳ ଭାରତରେ ଯେ ଏହା ଅଧିକ ସଖ୍ୟାରେ ଲୋକଙ୍କୁ ସଂକ୍ରମିତ କରିଛି, ତା' ନୁହେଁ। ବର୍ତ୍ତମାନ ସୁଦ୍ଧା ବିଶ୍ୱର ଶତାଧିକ ରାଷ୍ଟ୍ରଙ୍କ କ୍ଷେତ୍ରରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। କେବଳ ଗୁରୁବାର ଦିନ ଚାରିଗୋଟି ରାଷ୍ଟ୍ର- ବ୍ରାଜିଲ(୧.୫୧ ଲକ୍ଷ), ଫ୍ରାନ୍ସ (୧.୩୩ଲକ୍ଷ), ଯୁକ୍ତରାଷ୍ଟ୍ର ଆମେରିକା ୧.୨୪ ଲକ୍ଷ) ଏବଂ ଜର୍ମାନୀ (୧.୧୩ଲକ୍ଷ)ରେ ଏକ ଲକ୍ଷରୁ ଅଧିକ ସଂଖ୍ୟାରେ ନୂତନ ସଂକ୍ରମଣ ଘଟିଥିବା ଜାଣିବାକୁ ମିଳିଛି। ବିଶେଷଜ୍ଞମାନଙ୍କ ମତରେ, ଏମାନଙ୍କ ମଧ୍ୟରେ ଫ୍ରାନ୍ସ ତୃତୀୟ ଲହର ଅଭିମୁଖେ ଗତି କରୁଛି, ଯାହା ଜୁଲାଇ ଶେଷ ବେଳକୁ ଶିଖର ଦେଶରେ ପହଞ୍ଚିବ। ଭାରତ ସରକାର ଲୋକମାନଙ୍କୁ ପୁଣିଥରେ ମୁହଁରେ, ବିଶେଷକରି ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଯଥା ସର୍ବସାଧାରଣ ପରିବହନ ବ୍ୟବସ୍ଥା ଇତ୍ୟାଦି କ୍ଷେତ୍ରରେ, ମାସ୍କ ପରିଧାନ ଆରମ୍ଭ କରିବାକୁ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିରନ୍ତର ଭାବରେ କହି ଆସୁଛି ଯେ ମହାମାରୀ କୋଭିଡ୍ କେଉଁ ଦେଶରୁ ସମ୍ପୂର୍ଣ୍ଣ ଭାବରେ ଚାଲିଯାଇନାହିଁ ଏବଂ ଯେ କୌଣସି ସମୟରେ ଓ ଯେ କୌଣସି ଦେଶରେ ଅଧିକ ମାରାତ୍ମକ ହେବାର ସମ୍ଭାବନା ଥିବା ନୂଆ ଭାରିଆଣ୍ଟ ସହିତ ଏହାର ପୁନରାବିର୍ଭାବ ଘଟିପାରେ। କୋଭିଡ୍ ତଥା ଅନ୍ୟାନ୍ୟ ଇନ୍‌ଫ୍ଲୁଏଞ୍ଜା ଭଳି ରୋଗରେ ଆକ୍ରାନ୍ତତ ହୋଇ କିମ୍ବା ଉତ୍କଟ ଶ୍ୱାସକ୍ରିୟାଜନିତ ସମସ୍ୟାରେ ଆକ୍ରାନ୍ତ ହୋଇ ଯେଉଁମାନେ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି, ସେମାନଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ସତର୍କ କରାଇ ଦେଇଛନ୍ତି। ସମାନ ଭାବରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଉଛି ଭୂତାଣୁର ସାମଗ୍ରିକ ଜିନୋମ୍ ସିକ୍ୱେନ୍ସିଂ, ଯେହେତୁ ବିଏ.୪, ବିଏ.୫, ଏବଂ ବିଏ. ୨.୧୨.୧ ଭଳି ସାର୍ସ ସିଓଭି-୨ର ଅନେକଗୁଡ଼ିଏ ଭାରିଆଂଟ ଯାହାସବୁ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କରେ ମହାମାରୀକୁ ଭୟାନକ କରିଥିଲା, ସେସବୁର ଉପସ୍ଥିତିକୁ ମଧ୍ୟ ଭାରତରେ ପରିଲକ୍ଷିତ କରାଯାଇଛି। ତେଣୁ ଏହା ମଧ୍ୟ ପରୀକ୍ଷଣ ଉପରେ ପୁନର୍ବାର ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତାକୁ ସମ୍ମୁଖକୁ ଆଣିଛି, ଯାହାକି ମହାମାରୀ ସଂକ୍ରମଣର ଦ୍ରୁତ ଅଗ୍ରଗତିକୁ ରୋକିବା ନିମନ୍ତେ ପାଂଚ-ସୂତ୍ରୀ କୌଶଳର ଏକ ଅଂଶବିଶେଷ। ଇତି ମଧ୍ୟରେ ଅନେକ ରାଜ୍ୟ ମହାମାରୀର ଭୂତାଣୁ ବହନ କରୁଥିବା ଲୋକମାନଙ୍କର ନିରୂପଣ ଓ ପରୀକ୍ଷଣ କାର୍ଯ୍ୟରେ ମନ୍ଥରତା ଅବଲମ୍ବନ କରିଥିବା ଜଣାପଡ଼ିଛି ଯେଉଁମାନେ କି ରୋଗର ଭୂତାଣୁ ବହନକାରୀ ହେବାର ସମ୍ଭାବନା ବହନ କରନ୍ତି। ତେଣୁ ଦୈନନ୍ଦିନ ପରୀକ୍ଷାକୁ କେନ୍ଦ୍ର ସରକାରଙ୍କର ତନ୍ନ ତନ୍ନ କରି ନିରୀକ୍ଷଣ କରିବା ଉଚିତ୍, ଅନ୍ୟଥା ଏହା ମହାମାରୀକୁ ଦ୍ରୁତଗତିରେ ଆଗକୁ ଆଗକୁ ମାଡ଼ିଯିବା ପାଇଁ ସମୟ ପ୍ରଦାନ କରିବ। ଟିକାକରଣ କ୍ଷେତ୍ରରେ ଭାରତ ଆପାତତଃ ଉନ୍ନତ ପ୍ରଦର୍ଶନ କରିଛି: ମୋଟ ଟିକାଦାନର ସଂଖ୍ୟା ହାରାହାରି ୨୦୦ କୋଟି ହୋଇଛି। ୧୦୦ କୋଟିରୁ ଅଧିକ ସଂଖ୍ୟକ ଲୋକ ଟିକା ନେବାରୀ ଯୋଗ୍ୟ ହୋଇଥିବା ପରିପ୍ରେକ୍ଷୀରେ ଉପରୋକ୍ତ ସଂଖ୍ୟାକୁ ଉତ୍ତମ ବୋଲି କହିବା ଭୁଲ୍ ହେବନାହିଁ, କିନ୍ତୁ କଥା ହେଉଛି, ମାତ୍ର ଦେଢ଼ ବର୍ଷ ହେବ ସରକାର ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଟିକା ପୁଣି କେତେ ମାସ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିପାରିବ, ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ତଥ୍ୟ ଉପଲବ୍ଧ ନୁହେଁ, ଯାହା ବୁଷ୍ଟର ଡୋଜ୍ ପ୍ରଦାନ କରାଯିବାର ଜରୁରୀ ଆବଶ୍ୟକତା ରହୁଥିବା ଉପରେ ଗୁରୁତ୍ୱାରୋପ କରୁଛି।

# ପବିତ୍ର ହେରାପଞ୍ଚମୀ



ଅଜୟ କୁମାର ବେହେରା

ଶ୍ରୀଜିଉମାନେ ଏବେ ଆଡ଼ପ ମଣ୍ଡପର ପୂଜା ପାଉଛନ୍ତି । ଇତିମଧ୍ୟରେ ଠାକୁର ମାନଙ୍କର ଶ୍ରୀମୁଖ ସିଂହାର ନୀତି ବନକଲାଗି କରାଯାଇଥିଲା । ଆଜି ହେବ ହେରାପଞ୍ଚମୀ ନୀତି । ସଂଧ୍ୟା ଧୂପ ପୂର୍ବରୁ ମା ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଗୁଣ୍ଡିଚା ଘରକୁ ବିଜେ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବେ । ଏହାପରେ ଆନୁସଙ୍ଗିକ ନୀତି ହୋଇ ଆଜ୍ଞାମାଳ ପ୍ରଦାନ ବେଳେ ଟେରା ପଡ଼ି ନୀତି ବଢ଼ିବ । ସାଧାରଣତଃ ଆଷାଢ଼ ଶୁକ୍ଳ ଷଷ୍ଠୀ ତିଥିର ଉତ୍ସବକୁ ହେରା ପଞ୍ଚମୀ, ହେରୋତ୍ସବ ବା ଲକ୍ଷ୍ମୀ ବିଜୟ ଉତ୍ସବ କୁହାଯାଏ । ଉକ୍ତ ଦିବସରେ ମା'ଲକ୍ଷ୍ମୀ ଜଗନ୍ନାଥଙ୍କର ଏକାନ୍ତ ଦର୍ଶନ କରନ୍ତି । ଏହି ନୀତିକୁ ପାଳିଆ ପଶୁପାଳକ, ଚାଙ୍ଗଡ଼ା, ମେକାପ, ପାଳିଆ ମେକାପ, ପୂଜାପଣ୍ଡା, ମୁଦୁଲି, ମହାଜନ, ବିମାନବଡୁ, ପତ୍ରି, ଭିତରଛ ମହାପାତ୍ର, ଗରାବଡୁ ଆଦି ସେବକମାନେ ବିଧି ପୂର୍ବକ ସମ୍ପାଦନ କରିଥାନ୍ତି । ହେରା ପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ଥିବା ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ବଢ଼ିସାରି ବନକଲାଗି ହୋଇଥାଏ । ଏହାପରେ ଚାଙ୍ଗଡ଼ା ମେକାପଠାରୁ ପାଟଶାଢ଼ୀ, ଅଳଙ୍କାର ଭଣ୍ଡାର ଘରୁ ଅଣାଯାଇ ଲକ୍ଷ୍ମୀ ଠାକୁରାଣୀଙ୍କୁ ବେଶ କରାଯାଏ । ବେଶ ପରେ ପାଳିଆ ମେକାପ, ପଢ଼ିଆରୀ ଓ ମୁଦୁଲି ନେଇଥିବା ପନ୍ତି ଭୋଗକୁ ପୂଜାପଣ୍ଡା ପୂଜା କରନ୍ତି । ଏହାପରେ ମହାଜନ ମାନଙ୍କ ଦ୍ୱାରା ବଟମୂଳେ ରଖାଯାଇଥିବା ବିମାନରେ ଲକ୍ଷ୍ମୀ ବିଜେ କରନ୍ତି, ସିଂହଦ୍ୱାର ଓ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିର ପାଖରେ ଥିବା ନନ୍ଦିଘୋଷ ରଥ ନିକଟରେ ବିମାନକୁ ରଖାଯାଏ । ଘଣ୍ଟ, କାହାଳୀ ଛତ୍ର ଇତ୍ୟାଦି ସହ ସେବକ ଓ ଦେବଦାସୀଙ୍କ ଗହଣରେ ମହାଆଡ଼ମ୍ବରରେ ପଟୁଆରରେ ଯାଇଥାନ୍ତି । ସେଠାରେ ପହଞ୍ଚିବା ପରେ ପ୍ରସାଦ ଲାଗି ବନ୍ଦାପନା, ଆଳଟ ଚାମର ନୀତି ଘଷା ବିଡ଼ିଆ ଓ ଦହିପତି ଲାଗି ହୁଏ । ଏ ସମୟରେ ମଧ୍ୟାହ୍ନରେ ଆଡ଼ପ ମଣ୍ଡପରେ ଜୀଉମାନଙ୍କର ମଧ୍ୟାହ୍ନ ଧୂପ ନୀତି ପରେ ଆଳତୀ ଶେଷ ହୋଇଥାଏ । ସନ୍ଧ୍ୟାଧୂପ ପାଇଁ ନୀତି ଚାଲିଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ମହାପ୍ରଭୁଙ୍କ ସାନ୍ତ୍ୱନା ସ୍ୱରୂପ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ଦିଆଯାଇଥାଏ । ଅଭିମାନିନୀ ମହାଲକ୍ଷ୍ମୀଙ୍କର ପ୍ରାଣପ୍ରିୟ ଶ୍ରୀଜଗନ୍ନାଥଙ୍କୁ ଏକାନ୍ତ ଦର୍ଶନ ପରେ ଶ୍ରୀମନ୍ଦିରକୁ ପ୍ରଭୁ ଚଞ୍ଚଳ ପ୍ରତ୍ୟାବର୍ତ୍ତନ କରିବାର ଆଶ୍ୱାସନା ଦେଇଥାନ୍ତି । ଏହାପରେ ନାକଚଣା ଦ୍ୱାର ଦେଇ ଲକ୍ଷ୍ମୀଙ୍କର ବିମାନ ନନ୍ଦିଘୋଷ ରଥ ନିକଟକୁ ଆସି ରଥର କାଠ ଖଣ୍ଡିଏ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାଏ । ଶ୍ରୀମନ୍ଦିରର ସତ୍ତ୍ୱଲିପିରେ ବର୍ଣ୍ଣିତ ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ଭିତରେ ହେରାପଞ୍ଚମୀ ନୀତି ଅତିବ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ହେରାପଞ୍ଚମୀ ଦିନଟି ଏକ ପୁଣ୍ୟ ଦିନ ଭାବରେ ବିଚାର କରାଯାଇଥାଏ। ବିଶେଷକରି ଏହି ଦିନରେ ମହାପ୍ରଭୁଙ୍କ କୃପା ପାଇବା ପାଇଁ ଅଗଣିତ ଶ୍ରଦ୍ଧାଳୁ ପୁରୀରେ ସମବେତ ହୋଇଥାନ୍ତି। ଏହି ଦିନରେ ମା'ଲକ୍ଷ୍ମୀଙ୍କ ପିତା ବରୁଣ ଦେବଙ୍କ ପ୍ରତୀକ ମହୋଦଧିରେ ସ୍ନାନ କରି ଗରିବ ବ୍ରାହ୍ମଣ ବା କ୍ଷୁଧାର୍ତ୍ତ ମାନଙ୍କୁ ପ୍ରସାଦ ଦାନ କଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। କିଛି ଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଦିବସ ସାରା ଉପବାସ କରି ପବିତ୍ର ନାମ ସ୍ମରଣ ପୂର୍ବକ ସୂର୍ଯ୍ୟାସ୍ତ ପରେ ପ୍ରସାଦ ଗ୍ରହଣ କରି ହେରାପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହି ବ୍ରତ ପାଳନ ଦ୍ୱାରା ନିଜ ଜୀବନର ପାପ ମୋକ୍ଷ ହେବା ସହ ପରିବାରର ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ଆନନ୍ଦ ବିରାଜମାନ ହେବାର ଲୋକବିଶ୍ୱାସ ରହିଛି। ପୁରୀରେ ଉପସ୍ଥିତ ହୋଇପାରୁ ନଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଗାଁ ଗଣ୍ଡାରେ ଥିବା ଜଗନ୍ନାଥ ମନ୍ଦିର, ଭାଗବତ ଗାଦି ବା ଦେବାଦେବୀଙ୍କ ମନ୍ଦିରରେ ଭକ୍ତି ନୈବେଦ୍ୟ ଅର୍ପଣ କରି ପୂଜା ଓ ପ୍ରାର୍ଥନା ସହ କେତେକ ସ୍ଥାନରେ ସମବେତ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥାଏ। ଉତ୍କଳୀୟ ଚେତନାରେ ଶ୍ରୀ ମହାପ୍ରଭୁଙ୍କୁ ନେଇ ସମସ୍ତଙ୍କର ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ପର୍ଯ୍ୟବେସିତ ହୋଇଥିବାରୁ ଏହି ଦିନଟି ପ୍ରତିଟି ଉତ୍କଳୀୟଙ୍କ ପାଇଁ ଆଧ୍ୟାତ୍ମିକ କ୍ଷେତ୍ରରେ ଏକ ଗୁରୁତ୍ୱ ରଖିଥାଏ। ଶ୍ରୀ ମହାପ୍ରଭୁଙ୍କ ହେରାପଞ୍ଚମୀ ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ରଖିଥାଏ। ସେବାୟତମାନେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିଭାବନାର ସହିତ ଏହି କାର୍ଯ୍ୟକ୍ରମକୁ ସମାହିତ କରିଥାନ୍ତି। ଶ୍ରୀଜୀଉଙ୍କ ଏହି ପବିତ୍ର ହେରାପଞ୍ଚମୀ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରୁ ଏହି ପ୍ରାର୍ଥନା କରୁଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ହେରା ପଂଚମୀ



ଜୟଶ୍ରୀ ପଟ୍ଟନାୟକ

ଶ୍ରୀ ଜଗନ୍ନାଥ ଉତ୍କଳର ଅଧିଷ୍ଠାତା ଠାକୁର । ଉତ୍କଳୀୟ ସଂସ୍କୃତିର ପରିଚୟ ଜଗନ୍ନାଥ ସଂସ୍କୃତି । ପୃଥିବୀର ସମସ୍ତ ଭକ୍ତ ମାନଙ୍କୁ ଦର୍ଶନ ଦେବା ନିମନ୍ତେ ପ୍ରଭୁ ରତ୍ନ ସିଂହାସନ ତ୍ୟାଗ କରି ବଡଦାଣ୍ଡକୁ ଓହ୍ଲେଇ ଆସନ୍ତି ଏହା ତାଙ୍କରର ପତିତପାବନ ଯାତ୍ରା ହେଲେ ରଥଯାତ୍ରାରେ ଅଗଣିତ ଭକ୍ତଙ୍କୁ ଅଗ୍ରଜ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ରଥଯାତ୍ରାରେ ଯାଇ ଆନନ୍ଦ ପ୍ରଦାନ କରୁଥିବା ବେଳେ ପତ୍ନୀ ଲକ୍ଷ୍ମୀଙ୍କୁ ସଙ୍ଗତରେ ନନେଇ ଥିବାରୁ ମହାଲକ୍ଷ୍ମୀ ଅଭିମାନ କରି ପ୍ରଭୁଙ୍କୁ ପଚାରିବା ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି ଏହି ଉପଯାତ୍ରାକୁ ହେରାପଂଚମୀ କୁହାଯାଏ । ହେରା ଅର୍ଥ ବୁଲିବା । ଏହିଦିନ ଲକ୍ଷ୍ମୀ ଠାକୁରାଣୀ ଶ୍ରୀ ମନ୍ଦିର ଛାଡି ମହାପ୍ରଭୁଙ୍କୁ ଖୋଜିବା ପାଇଁ ବୁଲି ବାହାରି ଥିବାରୁ ଏହାକୁ ହେରାପଂଚମୀ କୁହାଯାଏ ବୋଲି ମତ ରହିଛି । ଶ୍ରମନ୍ଦିରର ଅନେକ ନୀତିକାନ୍ତି ଆଚରଣ ସବୁ ଓଡିଆ ଘରର ବିଧିବିଧାନ ସଦୃଶ । ଉତ୍କଳୀୟ ପରମ୍ପରାରେ ଶ୍ରୀ ଜଗନ୍ନାଥ ଓ ମହାଲକ୍ଷ୍ମୀ ପରମ ଆରାଧ୍ୟ । ରତ୍ନବେଦୀରେ ଭାଇ ଭଉଣୀଙ୍କୁ ସଙ୍ଗତରେ ନେଇ ବସିଛନ୍ତି କଳାଠାକୁର ଯାହା ଅକପଟ ସ୍ନେହ, ସୌହାର୍ଦ୍ଦ୍ୟର ପ୍ରତୀକ । ମା ସୁଭଦ୍ରା ଆଦ୍ୟାଶକ୍ତି ଦୁର୍ଗତିନାଶିନୀ । ମହାଲକ୍ଷ୍ମୀ ସିଦ୍ଧିବୁଦ୍ଧି ପ୍ରଦାୟିନୀ , ବୈଷ୍ଣବୀ ଶକ୍ତି ସ୍ୱରୂପା । ଶ୍ରମନ୍ଦିରରେ ଲକ୍ଷ୍ମୀଙ୍କ ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଭାରତୀୟ ସଂସ୍କୃତିରେ ଲକ୍ଷ୍ମୀଙ୍କୁ ସୌନ୍ଦର୍ଯ୍ୟ,ବୈଭବ, ପ୍ରତିଷ୍ଠା, କ୍ଷମତା ଆଦି ଅଷ୍ଟ ବିଭବର ଅଧିଷ୍ଠାତ୍ରୀ ଭାବରେ ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ଅନ୍ତର୍ବେଦୀ କୁ ଅଷ୍ଟଶକ୍ତି ଘେରି ରହିଛନ୍ତି ସେମାନେ ହେଉଛନ୍ତି ମଙ୍ଗଳା, ବିମଳା, ସର୍ବମଙ୍ଗଳା, ଅର୍ଦ୍ଧାଶନୀ, କାଳରାତ୍ରୀ , ମରୀଚିକା, ଚନ୍ଦ୍ରରୂପା ଓ ଦକ୍ଷିଣକାଳୀ । ସେହିପରି କପାଳମୋଚନ, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ବେଲ୍ଲେଶ୍ୱର, ନୀଳକଣ୍ଠ, ଲୋକନାଥ ଏବଂ ବଟେଶ୍ୱର ଭଳି ଅଷ୍ଟ ଈଶ୍ୱର ପୂଜିତ ହେଉଛନ୍ତି । ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ସିଂହାସନରେ ସପ୍ତାବେଶ ଅବତାର ଶ୍ରୀ ବଳଭଦ୍ର (ଶିବ), ଶ୍ରୀ ସୁଭଦ୍ରା (ବ୍ରହ୍ମା) , ଶ୍ରୀ ଜଗନ୍ନାଥ (ପରମାତ୍ମା ଭଗବାନ), ଶ୍ରୀ ସୁଦର୍ଶନ(ସୂର୍ଯ୍ୟ), ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ( ମାୟାଦେବୀ) ଓ ମାଧବ(ନୀଳମାଧବ)ଙ୍କୁ ଦେଖିବାକୁ ପାଉଛେ । ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଶ୍ରୀ ଓ ଭକ୍ତି ମହାଲକ୍ଷ୍ମୀଙ୍କ ଦ୍ୱାରା ହିଁ ବୃଦ୍ଧି ପାଇଥାଏ । ଶ୍ରୀ ଲକ୍ଷ୍ମୀ ସଦା ସର୍ବଦା ଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପଣ କରିଛନ୍ତି । ସେ ଭଗବାନଙ୍କ ଅନୁଗାମିନୀ ଓ ସେବାକାରିଣୀ । ଶ୍ରାମନ୍ଦିରର ବିଭିନ୍ନ ପର୍ବ ପର୍ବାଣିରେ ମହାଲକ୍ଷ୍ମୀଙ୍କୁ ବିଶେଷ ଭୂମିକା ଦିଆଯାଇଥାଏ । ଦୋଳଯାତ୍ରାରେ ଦୋଳଗୋବିନ୍ଦଙ୍କ ସହ ମହାଲକ୍ଷ୍ମୀ ଦୋଳବେଦୀକୁ ବିଜେ କରିଥାନ୍ତି । ଚନ୍ଦନଯାତ୍ରାରେ ମଦନମୋହନଙ୍କ ସହିତ ମହାଲକ୍ଷ୍ମୀ ଜଳକ୍ରୀଡା କରିଥାନ୍ତି । ଶୀତଳଷଷ୍ଠୀରେ ଶିବ ବିବାହ ପରେ ପଂଚ ମହାଦେବ, ପାର୍ବତୀଙ୍କ ସହିତ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଆସିଥାନ୍ତି । ଭାଦ୍ରବ ଶୁକ୍ଳ ପଂଚମୀ ବା ଋଷି ପଂଚମୀରେ ମହାଲକ୍ଷ୍ମୀ ବ୍ରତ କରି ମାର୍କଣ୍ଡ ପୁଷ୍କରିଣୀରେ ସ୍ନାନ କରିଥାନ୍ତି । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀ ବିବାହ ଅନୁଷ୍ଠିତ ହୁଏ । ପ୍ରଭୁଙ୍କ ସହିତ ମହାଲକ୍ଷ୍ମୀଙ୍କର ବିବାହ ସମ୍ପନ୍ନ ହୁଏ । ପୁଷ୍ୟାଭିଷେକରେ ପ୍ରଭୁଙ୍କ ସହିତ ମହାଲକ୍ଷ୍ମୀଙ୍କର ଅଭିଷେକ ହୋଇଥାଏ । ଶୁକ୍ଳ ଦଶମୀରେ ସୁଦଶା ବ୍ରତ , ଏକାଦଶୀରେ ଲକ୍ଷ୍ମୀ ନାରାୟଣ ବ୍ରତ ଏହିପରି ଅନେକ ବ୍ରତ ପାଳନ କରାଯାଇଥାଏ । ଲକ୍ଷ୍ମୀ ପାକ କଲେ ଜଗନ୍ନାଥ ଭୋଜନ କରନ୍ତି । ହେଲେ ରଥଯାତ୍ରାରେ ମହାଲକ୍ଷ୍ମୀ ସମ୍ପୂର୍ଣ୍ଣ ଅବହେଳିତ ହୋଇଥିବାରୁ ମା ଲକ୍ଷ୍ମୀଙ୍କୁ ନେଇ ହେରାପଂଚମୀ ଦିନ ଏକ ଅନନ୍ୟ ଯାତ୍ରା ଅନୁଷ୍ଠିତ ହୋଇଥାଏ ।

ରଥଯାତ୍ରା ଦିନ ପ୍ରଭୁ ଶ୍ରୀଜଗନ୍ନାଥ ନିଜର ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାକୁ ନେଇ ଘୋଷଯାତ୍ରାରେ ଯାଇଥିଲେ ମଧ୍ୟ ମହାଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ କ୍ରୋଧ ଓ ଅଭିମାନରେ ମହାଲକ୍ଷ୍ମୀ ପ୍ରଭୁଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ପଚାରିବା ପାଇଁ ଯେଉଁ ଯାତ୍ରା କରନ୍ତି ତାହା ହେରାପଂଚମୀ ନାମରେ ନାମିତ । ଏହା ଏକ ଉପଯାତ୍ରା ହୋଇଥିଲେ ମଧ୍ୟ ଏହାକୁ ହେରା ପଂଚମୀ ଯାତ୍ରା କୁହାଯାଏ । ସ୍ନାନପୂର୍ଣ୍ଣମା ପରେ ପ୍ରଭୁ ଜ୍ୱରରୁ ଭଲ ହୋଇ ଅମାବସ୍ୟା ଦିନ ଉଭା ହୋଇ ନିଜ ମାଉସୀ ଘରକୁ ପ୍ରତିଶୃତି ଦେବାନୁସାରେ ବର୍ଷକୁ ଥରେ ରଥଯାତ୍ରାରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥଯାତ୍ରାରେ ଯାଇଥାନ୍ତି । ଭାଇବୋହୂ ଭାବରେ ମହାଲକ୍ଷ୍ମୀଙ୍କୁ ନ ନେଇ ଅବହେଳା କରିଥିବାରୁ ମହାଲକ୍ଷ୍ମୀ ବିମଳାଙ୍କ ପରାମର୍ଶ ଲୋଡିଥାନ୍ତି । ମା ବିମଳାଙ୍କ ପରାମର୍ଶ କ୍ରମେ ଆଷାଢ଼ ଶୁକ୍ଳ ଷଷ୍ଠୀ , ରଥଯାତ୍ରାର ପଂଚମ ଦିବସରେ ହେରାପଂଚମୀ ତିଥିରେ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିର ଉପଲକ୍ଷେ ଯାତ୍ରା କରଥାନ୍ତି । ହେରା ପଂଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରୁ ମହାଲକ୍ଷ୍ମୀଙ୍କ ବିଜେ ପ୍ରତିମାଙ୍କୁ ବିମାନରେ ବସାଇ ଛତି, ଘଂଟ, କାହାଳୀ ସଲଟଣରେ ରାତ୍ରି କାଳରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଏ । ଜଗନ୍ନାଥଙ୍କ ରଥ ନିକଟରେ ମହାଲକ୍ଷ୍ମୀଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନା କରାଯାଇ ଗୁଣ୍ଡିଚା ମନ୍ଦିରର ଜୟ ବିଜୟ ଦ୍ୱାର ନିକଟରେ ପହଂଚିଲେ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗରୁ ଆଜ୍ଞାମାଳ ଅର୍ପଣ କରାଯାଏ । ଏହି ସମୟରେ ପୂଜାପଣ୍ଡା ଜୀଉ ମାନଙ୍କର ପୂଜା ବଢ଼ାଇ ଓ ଧୂପ ଦୀପ ଦେଇ ଟେରା ପକାଇ ଦିଏ । ମହାଲକ୍ଷ୍ମୀ ଜଗନ୍ନାଥଙ୍କର ଦର୍ଶନ ନ ପାଇ କ୍ରୋଧ ଓ ଅପମାନରେ ଗୁଣ୍ଡିଚା ମନ୍ଦିରରୁ ବାହାରି ଆସନ୍ତି । ଅଭିମାନରେ ରଷ ହୋଇ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ମହାଲକ୍ଷ୍ମୀଙ୍କ ତରଫରୁ ଜଣେ ସେବକ ନନ୍ଦିଘୋଷ ରଥରୁ କାଠ ଖଣ୍ଡେ ଭାଙ୍ଗି ଦିଅନ୍ତି । କାଳେ ଏକଥା କିଏ ଜାଣିବ ସେଥିପାଇଁ ମହାଲକ୍ଷ୍ମୀ ବିମାନରେ ବଡଦାଣ୍ଡକୁ ନ ଆସି ରୋଷଣୀରେ ହେରାଗୋହିରୀ ସାହି ବାଟ ଦେଇ ଶ୍ରୀ ମନ୍ଦିରକୁ ଲେଉଟି ଆସନ୍ତି ଏବଂ ଶ୍ରୀଜଗନ୍ନାଥଙ୍କ ଫେରିବା ବାଟକୁ ପ୍ରତୀକ୍ଷା କରିଥାନ୍ତି ।

ଆଡପ ମଣ୍ଡପରେ ପ୍ରଭୁ ସାତଦିନ ରହିବା ପରେ ବାହୁଡା ଦଶମୀ ଦିନ ବାହୁଡା ଯାତ୍ରାରେ ଆସି ରାଜନଅର ପାଖରେ ପହଂଚିବା ପରେ ମହାଲକ୍ଷ୍ମୀ ଚାହାଣି ମଣ୍ଡପ ଠାରେ ରହି ପ୍ରଭୁଙ୍କୁ ଦର୍ଶନ ଦେଇଥାନ୍ତି । ଜଗନ୍ନାଥ ଗୁଣ୍ଡିଚା ଯାତରେ ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇଥିବାରୁ ମହାଲକ୍ଷ୍ମୀ ବହୁତ ଅଭିମାନ କରନ୍ତି ରାଗ ଓ ଅଭିମାନରେ ହେରା ପଂଚମୀ ଦିନ ଗୁର୍ଣ୍ଡିଚା ଘର ନିକଟରେ ଯାଇ ଜଗନ୍ନାଥଙ୍କ ରଥର କିଛି ଅଂଶ ଭାଙ୍ଗି ଦେଇ ଆସନ୍ତି । ମହାଲକ୍ଷ୍ମୀଙ୍କର ଏ କ୍ରୋଧ ଓ ଅଭିମାନର ଅବସାନ ପାଇଁ ଶ୍ରୀ ଜଗନ୍ନାଥଙ୍କର ପ୍ରଥମ ସେବକ ଠାକୁର ରାଜା ମଧ୍ୟସ୍ଥି ଭୂମିକା ଗ୍ରହଣ କରନ୍ତି । ରଥ ରାଜନଅର ପାଖରେ ପହଂଚିବା ପରେ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମାକୁ ସେବକମାନେ ପାଲିଙ୍କିରେ ନେଇ ନନ୍ଦିଘୋଷ ରଥ ନିକଟରେ ପହଂଚାନ୍ତି । ମହାଲକ୍ଷ୍ମୀ ତଣ୍ଡୁଳ, ଦୁର୍ବାଦଳ, କୁସୁମ, ଚନ୍ଦନ ଓ ପ୍ରଦୀପ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କୁ ବନ୍ଦାପନା କରନ୍ତି । ଗଜପତିଭ୍କ ଉପସ୍ଥିତିରେ ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ । ମହାଲକ୍ଷ୍ମୀ ସାମାନ୍ୟ ଆଶ୍ୱସ୍ତି ପାଇ ଶ୍ରୀ ମନ୍ଦିରକୁ ଫେରି ଆସନ୍ତି । ତାହାପରେ ପାଲିଙ୍କିଟି ଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଏ ଏବଂ ରଥ ଚାରିପଟେ ଘେରାଏ ବୁଲି ଶ୍ରୀମନ୍ଦିରକୁ ଲେଉଟି ଆସେ । ଏହାପରେ ଜଗନ୍ନାଥଙ୍କ ରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖକୁ ଅଣାଯାଏ । ମାତ୍ର ନିଳାଦ୍ରୀ ବିଜେ ଦିନ ବଳଭଦ୍ର ଓ ସୁଭଦ୍ରା ରତ୍ନ ସିଂହାସନକୁ ପହଣ୍ଡିରେ ବିଜେ କରିବା ପରେ ଜଗନ୍ନାଥଙ୍କର ପହଣ୍ଡି ଆରମ୍ଭ ହୁଏ । ପ୍ରଭ ଜଗନ୍ନାଥ ରଥ ଉପରୁ ତଳକୁ ଅବତରଣ କରିବା କ୍ଷଣି ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମାଙ୍କୁ ବିମାନରେ ଆଣି ସିଂହଦ୍ୱାର ପାର୍ଶ୍ୱ ମେଘନାଦ ପାଚେରୀ ଉପରି ଭାଗରେ ଥିବା ଭେଟ ମଣ୍ଡପରେ ବିଜେ କରାଯାଏ । ଦେଢ଼ଶୁର ବଳଭଦ୍ର ଓ ନଣନ୍ଦ ସୁଭଦ୍ରା ମନ୍ଦିର ମଧ୍ୟକୁ ଯିବାପରେ ଦେବଦାସୀ ଯାଇ ସିଂହଦ୍ୱାର ଦରଜାକୁ ବନ୍ଦ କରିଦିଅନ୍ତି । ଜଗନ୍ନାଥ ସିଂହଦ୍ୱାର ଠାରେ ପହଂଚିଲେ ଦ୍ୱାର ଉନ୍ମୁକ୍ତ କରାଯାଏ । ସେହିପରି ଜଗନ୍ନାଥଙ୍କୁ ପହଣ୍ଡି କରି ମନ୍ଦିର ମଧ୍ୟରେ ପ୍ରବେଶ ସମୟରେ ଜୟ ବିଜୟ ଦ୍ୱାରକୁ ବନ୍ଦ କରାଯାଏ ।କାରର ଅଭିମାନୀ ପ୍ରାଣପ୍ରିୟାଙ୍କର ଅଭିମାନ ସରି ନ ଥାଏ । ସେଠାରେ ଶ୍ରୀ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଥାଏ ତାହା ମହାଲକ୍ଷ୍ମୀଙ୍କ ପ୍ରତିନିଧି ଦେବଦାସୀ ଏବଂ ଜଗନ୍ନାଥଙ୍କ ପ୍ରତିନିଧି ଦଇତାପତିଙ୍କ ମଧ୍ୟରେ ବାକ୍ୟ ବିନିମୟ ହୁଏ ଯାହା ଲକ୍ଷ୍ମୀ ନାରାୟଣ କଳି ବା ବଚନିକା ନାମରେ ନାମିତ । ମହାଲକ୍ଷ୍ମୀ । ନବଦିନ ଯାତ୍ରାର ବିରହ ଦୁଃଖ ଜଣାନ୍ତି । ବହୁ ସମୟ ଦରି ପ୍ରଭୁଙ୍କ ଅନୁରୋଧ ସତ୍ତ୍ୱେ କ୍ରୋଧି ମହାଲକ୍ଷ୍ମୀ ଦ୍ୱାର ଖୋଲି ନଥାନ୍ତି । ପରିଶେଷରେ ପ୍ରଭୁ ଆଣିଥିବା ପାଟଶାଢ଼ୀ ଓ ରସଗୋଲା ଅର୍ପଣ କଲାପରେ ମାନଭଜନ କରିଥାନ୍ତି । ସେହି ଗୋଟାଏ ଦିନ ଶ୍ରୀ ମନ୍ଦିରରେ ମିଳନର ପ୍ରତୀକ ସ୍ୱରୂପ ରସଗୋଲା ଭୋଗ କରାଯାଏ । ତାପରେ ଜଗନ୍ନାଥ ରତ୍ନ ସିଂହାସନକୁ ବିଜେ କରିଥାନ୍ତି । ହେରା ପଂଚମୀ ଏହି ଦାମ୍ପତ୍ୟ ଅଭିମାନର ଏକ ପ୍ରତୀକ । ହେରା ପଂଚମୀରେ ରଥରୁ ଖଣ୍ଡେ ଅଂଶ ଭାଙ୍ଗିବା ଏବଂ ସିଂହଦ୍ୱାର ବନ୍ଦ କରି ମନ୍ଦିର ମଧ୍ୟରେ ପ୍ରବେଶ କରାଇ ନ ଦେବା ଦୃଶ୍ୟ ପ୍ରକୃତରେ ଆନନ୍ଦମୟ ।

+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪




## ଅଭିମାନ

ଦୀପକ କୁମାର ନାଏକ



ଦୁଃଖ ଜଣାଇବା ପାଇଁ ଆସିଥିଲି ଧାଇଁ
ଫେରାଇ ଦେଲୁ ତୁ ମୋତେ
ଯାଉଛି ମୁଁ ଫେରି ତୋ ସିଂହ ଦୁଆରୁ
ଆଉ ନ ଆସିବି ମୋଟେ !
କେଉଁ ଅପରାଧ କରିଥିଲି ମୁଁ ଯେ
ଦେଖା ନ ଦେଲୁରେ ମୋତେ
ଦେଖା ଦେଇଥିଲେ ମୋର ପାପ କିବା
ଲାଗି ଯାଇଥାଆନ୍ତା କି ତୋତେ !
ସେଇଥିପାଇଁ କି ଫେରାଇ ତୁ ଦେଲୁ
ଆହେ ପ୍ରଭୁ ଜଗନ୍ନାଥ
ତୁ ଯଦି ମୋହର ଦୁଃଖ ନ ଶୁଣିବୁ
ଆଉ କେ ଶୁଣିବ କହତ !
କାଳାକି ହୋଇଲୁ ହେ ଜଗତନାଥ
ଦୁଃଖ ନ ଶୁଣୁରେ ମୋର
କେମିତି ବା ମୋର ଦୁଃଖ ତୁ ଶୁଣିବୁ
ପଥରେ ଗଢ଼ା ତୋ ଶରୀର !
ତୁମ ଆଜ୍ଞା ବିନା ପ୍ରଭୁ ହଲେ ନାହିଁ ଯମା
ଏଠି ଗଛର ପତର
ମୋ ଉପରେ କାହିଁ ପ୍ରଭୁ ନିଷ୍ଠୁର ସାଜିଣ
କରୁଛ ପାତର ଅନ୍ତର !
ଦୋଷ ଥିଲେ ନ ଧରିବ ହେ ଜଗତେଶ୍ୱର
ତୁମ ବିନା ଏ ଦୀପକ ନିମିତ୍ତ ମାତର !

+ଗଣ୍ଡାନାଳୀ,ହିନ୍ଦୋଳ,ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## ମୁଁ ଗଉଡ଼ ପୁଅ

ସୁଶାନ୍ତ ଗୌଡ଼

ଅଧା ପାଠୁଆ ମୁଁ ଚାଷୀ ପରିବାର
ଶଗଡରେ କଟେ ଦିନ
ବଇଂଶି ଫୁଙ୍କିଲେ ପାଗଳ କରାଏ
ରାଧାମିରା ନାରିଗଣ ।

ଘରେ ଖାଏନିତି ବାସି ପଖାଳରେ
ଲୁଣ ପିଆଜକୁ ଖଟା
ସକାଳରୁ ସଞ୍ଜ ଗୋଠ ବାହିନିଏ
ଗୀତଗାଇ ହଟହଟା ।

ଶାଗ ବଡିଚୁରା ବାଇଗଣ ପୋଡା
ଶୁଖୁଆ ଆମର ପ୍ରିୟ
ଡାଲି ତରକାରୀ ଲୋଡାନାହିଁ ପ୍ରଭୁ
ମୁଁ ଯେ ଗଉଡ ପୁଅ ।

ବିଲେ ଧାନଥିଲେ ହସ ଉକୁଟାଏ
ଗାଈଗୋଠ ମାଳମାଳ
କ୍ଷୀର ଦହି ଘିଅ ଯିଏଯେତେ ନିଅ
ଘରକୁ ଏମାନେ ବଳ ।

ଆମେ ପରାଥିଲୁ ଯଦୁବଂଶୀ ବଳ
ଶ୍ରୀକୃଷ୍ଣ ଆମର ଜେଜେ
ପୂଜ୍ୟପୂଜା କଥା କହି ଯାଇଛନ୍ତି
ହେଳା ନ କରିବୁ କେବେ ।

ବାଉଁଶ ପରିକା ଦେଖିବାକୁ ଆଖୁ
ବାହାରେ ନଥାଏ ମିଠା
ଛେଚି କୁଚେଇଲେ ମିଠା ବାହାରିବ
କାଳି ଦାସଙ୍କର ବାର୍ତ୍ତା ।

ଗଉଡ଼ ଆମେରେ ଗୋଗଷ୍ଠ ମଧ୍ୟରେ
ବରଷକ ବାରମାଷ
ନାହିଁ ବର୍ଷା ବନ୍ୟା ବାତ୍ୟା କି ମରୁଡି
ଟଙ୍କା ପିଇଁ ନାହିଁ ଶୋଷ ।

ପଞ୍ଚୁଦୋଳ ବେଳେ ଗଉଡଙ୍କ ପର୍ବ
ଲଗୁଡି ଖେଳ ଦେଖାଉ
ଜନମନ ମୋହି ସାରା ଦୁନିଆକୁ
ଭିତର କଥା ଚେତା ।

+ବାଣିଆ,ଖଲ୍ଲିକୋଟ,ଗଞ୍ଜାମ
ମୋ - ୬୨୮୨୪୦୧୦୬୪

## କରନାହିଁ କେହି ଆତ୍ମହତ୍ୟା

ଅରୁଣ କୁମାର ତ୍ରିପାଠୀ

ତୋ ଭାଇ କାନ୍ଦେ
ଆଖିରୁ ଲୁହ ଶୁଖେଇ
ତୋ ବୋଉ ଗୋଟି ଗୋଟି
କରି ବାହୁନେ
ମାଗେ ତୋ ଆବର୍ତ୍ତମାନରେ
ନ୍ୟାୟର ଭିକ୍ଷା
ତୋ ବାପା ବିଶ୍ୱାସ ହଉ ନଥିବା
ବୁକୁଫଟା ଚିତ୍କାର କରି
ହାତକୁ ମଥାରେ ପିଟି ପିଟି
ତୋ ସହ ଘଟିଯାଇଥିବା
ଅମାନବିକତାର ବୟାନ
କାହିଁକି ଛାଡି ଚାଲିଗଲୁ ତୁ
ଆଦରି ଆତ୍ମହତ୍ୟାର ପନ୍ଥା
ଦୁଃଖ ଲାଗୁନି କି ତୋ ଜନ୍ମଦାତା
ହୁଅନ୍ତି ସର୍ବ ସାଧାରଣରେ ନିକ୍ଷେପିତ
ଥରେ ଭାବି ପାରିଲୁନି ତୁ
କୁନି କଣ୍ଢେଇରୁ ତୋତେ
ଯେ କରିଥିଲା ଏଡିଟେ ରୁ ଏଡୁଟେ
ଅନେକ ରାତ୍ରିର ଅନିଦ୍ରା
ଆଉ ଅନେକ ଦିନର
ଭୋକିଲା ଶୋଷିଲା ମନର ଯାତନା
ଥରେ ଭାବିଲୁନି
ଭାରତୀୟ ସମ୍ବିଧାନର ଗାରିମା !!

+ଜୟପୁର
୯୦୭୮୮୩୮୬୨୭

## ନାରୀର ରୂପ

ବାପିନି ସିଂ



ଆଖି ଆଢୁଆଳୁ ଲୁଚିଗଲେ ପୁତ୍ର
ମନ ନ ଲାଗଇ କାହିଁ ,
ଜଗି ବସିଥାଏ ଫେରିବା ବାଟକୁ
ପଲକ ପଡ଼ଇ ନାହିଁ ।

ମମତାମୟୀ ତୁ ସ୍ନେହର ସାଗର
ତୋ କୋଳେ ସରଗ ସୁଖ ,
ତୋ କାନିକୁ ଧରି ବାଟ ଚାଲୁଥିଲେ
ଦୁଃଖ ମାଡ଼େନାହିଁ ପାଖ ।

ଯେତେ ଦିନ ଯାଏ ଘରେ ଥାଏ ସିଏ
ପୁନେଇଁ ରାତିର ଜହ୍ନ ,
ବାପା ମାଆଙ୍କର ଛାତି ଫାଟିଯାଏ
ଶାଶୁଘର ଗଲା ଦିନ ।

ସୂତା ଖିଅ ଦେଇ କଥା ଯାଏ ନେଇ
ଜୀବନ ଯାକର ସ୍ନେହ ,
ଦୂରେ ଥାଇ ଶୁଭ ମନାସୁଥାଏ ସେ
ଝରାଇ ଆଖିରୁ ଲୁହ ।

କଥା ଦେଇ ଅଛି ଜନ୍ମ ଜନ୍ମ ଯାଏ
ସାଥିରେ ରହିବା ପାଇଁ ,
ଯେତେ ଝଡ଼ଝଞ୍ଜା ଆସିଲେ ମାର୍ଗରେ
ହାତକୁ ଛାଡ଼ିବ ନାହିଁ ।

ଦୁନିଆ ଦୁଆରେ ତାଲା ପଡ଼ିଗଲେ
ତା' ଦୁଆର ଖୋଲା ଥାଏ ,
ଦୁନିଆ ଯାହାକୁ ବୁଝିପାରେ ନାହିଁ
ସହଜରେ ସେ ବୁଝିଯାଏ ।

ଏକା ଏକା ବସି ଭଲଲାଗେ ମୋତେ
ଭାବିବାକୁ ତୁମ କଥା ,
ବରଷା ରାତିରେ ପବନ ସାଥିରେ
ହେବାକୁ ତୁମରି କଥା ।

ବରଷା ଭିତରେ ବିଜୁଳି ଝଟକେ
ଅନ୍ଧାର ଦୂରେଇ ଯାଏ ,
ବିଗତ ଦିନର ତୁମ ସ୍ମୃତି ସବୁ
ଆଜି ମନେ ପଡ଼ିଯାଏ ।

ମନେ ପଡ଼େ ତୁମ ଶାନ୍ତ ସୁଶୀତଳ
ସ୍ନିଗ୍ଧ ଦୁଇଟି ଆଖି ,
ଲଜ ଲାଜ ତୁମ ଗୋଲାପି ଓଠରେ
ରହିଥିବ ହସ ଲାଖି ।

+ସ୍ନାତକୋତ୍ତର ଅର୍ଥଶାସ୍ତ୍ର
ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବାଲେଶ୍ୱର
ଦୂରଭାଷ-୯୯୩୭୮୨୦୮୩୧

## ପ୍ଲାଟଫର୍ମ

### ଭରତ ଚନ୍ଦ୍ର ଦାଶ



ପ୍ଲାଟଫର୍ମରେ
ଏକା ଏକା ମୁଁ କାହିଁ
କେତେକାଳୁ ପ୍ରତୀକ୍ଷାରେ ଅଛି
ସୂଚନା ସତର୍କ ଦେଇ
ଗୋଟିଏ ପରେ ଗୋଟିଏ
ଟ୍ରେନ ଚାଲିଯାଉଛନ୍ତି ନିଜର
ଗନ୍ତବ୍ୟ ସ୍ଥଳକୁ
କାହାକୁ କିଛି ନ କହି ।
ଗତି ହିଁ ତ ପ୍ରଗତିର ଚିତ୍ର
ପ୍ରତି ମୁହୂର୍ତ୍ତରେ ଗତି ବଢୁଛି
ପ୍ରଗତି ମଧ ତା' ପଥରେ
ଯଥେଷ୍ଟ ଆଗରେ
ପ୍ଲାଟଫର୍ମ ଅଛି ବୋଲି ତ
ଜୀବନର ବେଗ ବଢ଼ିଛି ।

ପ୍ଲାଟଫର୍ମ ପ୍ରତି
ମୋର ଦୁର୍ବଳତା
ଏବେ ନୁହେଁ
ହେତୁ ହେବା ଠାରୁ ମୋର
ଆକର୍ଷଣ ବଢ଼ିଛି ତା' ପ୍ରତି
ପ୍ରାରମ୍ଭର ସଂପର୍କ ବୋଧହୁଏ ।
ଏକ ଗୋଧୂଳି ଲଗ୍ନ
ଅପରାହ୍ଣ ପାଞ୍ଚଟା ହେବ
ଷ୍ଟିମ୍ ଇଞ୍ଜିନର କଳାଧୂଆଁ ଛାଡ଼ି
ଆସନସୋଲ ଆସି ଠିଆ ହେଲା
ପୁରୀରୁ ଗୟା ଭାୟା ଆସନସୋଲ
ଆସିଲେ ସଂଧ୍ୟା ଦୀପ ଲାଗେ
ସଂଧ୍ୟାର ବାର୍ତ୍ତାବହ ବୋଲି
ମୋର ଧାରଣାଥିଲା
ଅନେକ ଦିନ ଯାଏ ।
ତାର ଛୁକ୍ ଛୁକ୍ ଶବ୍ଦରେ
ମୁଁ ଚାଲିଲି ତା' ସହ
ଚାଲିଲି ନି ତ ଉଡ଼ିବାକୁ ଲାଗିଲି
ପୁରୀ ଠୁଁ ଗୟା
କଳ୍ପବୃକ୍ଷ ଠୁଁ ପିପ୍ପଳ ବୃକ୍ଷ ଯାଏ
ବୁଦ୍ଧତ୍ୱରୁ ନିର୍ବାଣ ପର୍ଯ୍ୟନ୍ତ ।

ପ୍ଲାଟଫର୍ମ
ମୋ ଜୀବନ ଚକ୍ରର
ବିଶ୍ରାମସ୍ଥଳୀ ଏକାନ୍ତ ଆପଣାର
ଠିଆ ହେବା ଠୁଁ ଚଳନଶୀଳ ଯାଏ
ପ୍ଲାଟଫର୍ମ ମୂକସାକ୍ଷୀ
ଚାଲିଛି ଚାଲିବାର କଳା ଶିଖାଇଛି ।
ମନରେ ଡେଣା ଲଗାଇଛି
ନିରନ୍ତର ଉଡ଼ିବା, ଜୀବନକୁ ପରଖିବା
ଲକ୍ଷସ୍ଥଳରେ ପହଞ୍ଚିବାର
ପ୍ରେରଣା ହିଁ ପ୍ଲାଟଫର୍ମ ।
ପ୍ଲାଟଫର୍ମ ଅଛି ବୋଲି ତ
ଜୀବନ ଜୀଇବାର କଳାରେ
କାଳରେ କାଳୋତ୍ତୀର୍ଣ୍ଣ ସେ ।
ମୋ ପ୍ରେମର, ମୋ ପ୍ରତ୍ୟୟର
ଆତ୍ମ ପରିତୃପ୍ତିର
ଏକ ଦିବ୍ୟ ଭବ୍ୟ ଭୂମି
ପରିଚୟର ଅନ୍ୟ ନାମ ପ୍ଲାଟଫର୍ମ ।


♥ ସଦସ୍ୟ,ଓଡ଼ିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ: ୯୪୩୭୩୭୨୧୬୬


## ନେ ....ତୁ....

### ଶରତ କୁମାର ଦାସ



ନେ.....ତୁ....
ମୋ' ଧୂପ ଦୀପ ନୈବେଦ୍ୟ.... ନେ...
ନେ ମୋ' ସମର୍ପଣ , ଆତ୍ମ ନିବେଦନ
ଆଉ ନେ... ପୁଣି
ମୋ' ରାଗ, ହିଂସା, ଅଭିମାନ
ଅବସୋସ, ଅନ୍ତର୍ଦାହ ଓ ଯେତେ ଅସନ୍ତୋଷ ।

ତୋ' ବଡ ଦେଉଳ ସିନା ତୋ' ପାଇଁ ସୁନ୍ଦର
ମୋ' ଭଙ୍ଗା କୁଡ଼ିଆ ମୋ' ପାଇଁ ଭଲରେ
ମୁଁ କାନ୍ଦିଲେ ତୁ ହସୁ କିରିକିରି
ମୋ' ଲୁହଲହୁରେ
ତୋ'ର ବା ଯାଏଆସ କେତେ !

ତୋ' ପାଇଁ ବଢ଼ାହୁଏ ଷାଠିଏ ପଉଟି
ମନ ଭରି ଖାଉ ତୁ ପେଟକୁ ଫୁଲେଇ
ହେଲେ ମୋତେ ମିଳେନାହିଁ ଖୁଦ ମୁଠେ କେବେ
ଭୋକରେ ଆଉଟୁପାଉଟୁ ହେଉଥାଏ ନିତି ।

ସାରା ସଂସାର କହେ ତୋ' ବଡ଼ପଣ କଥା
ନିନ୍ଦାର ନାଗରା ବାଜୁ ପଛେ ମୋ' ଦାଣ୍ଡ
ଅଗଣାରେ
ଦାତା ପଣେ କିଏ ବା ତୁଲ ତୋ ସହ !
ହେଲେ ମୋ' ବେଳକୁ ହାତ ତୋ'ର କାହିଁ
ବୁଜି ହୋଇଯାଏ ?

ତୁ ପରା ସ୍ରଷ୍ଟା, ପୁଣି ସୃଷ୍ଟି ତୁହି
ତୁ ପରା ଆଦି,ପୁଣି ଅନ୍ତ ତୁହି
ତୁ ପରା ଆଧାର ଅଖିଳ ବିଶ୍ୱର
ଭରସାର ଚଉକାଠ, ଅନ୍ଧାରେ ଆଲୋକ ।

ନୀଳ ଉର୍ମି ଗାଏ ତୋ' ମଧୁର ସଙ୍ଗିତ
ପାହାଡ ଆଙ୍କେ ତୋ' ଛବି ମରୁର ବାଲିରେ
ଚଗଲା ପବନ ତ ତୋ ପାଇଁ ବାଉଳା
ତାରାଭର୍ତ୍ତି ଆକାଶଟା ହସୁଥାଏ
ତୋ'ରି ଇଚ୍ଛାରେ ।

ସ୍ୱପ୍ନ ପଛେ ଭାଙ୍ଗିଯାଉ ମୋ'ର
ନିଃଶ୍ୱାସ ମୋ' ବନ୍ଦ ହେଉ କେବେ
ଢାଙ୍କୁ ପଛେ ପୁଳାପୁଳା
କଳା ମେଘ ମୋ' ଜୀବନେ
ହେଲେ ତୋ ଆଶିଷ ଫୁଲହୋଇ ଫୁଟୁଥାଉ ସଦା
ଏ ଧୂସର ମାଟିର ଛାତିରେ ।

ଉଡୁଥାଉ ଫରଫର ତୋ' ପତିତପାବନ ନେତ
ଗଡୁଥାଉ ପୁଣ୍ୟରଥ ତୋ ବଡଦାଣ୍ଡରେ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଅସମାପ୍ତି ପଥର ଅନ୍ତଃସ୍ୱର

### ପ୍ରଣତି ଆଚାର୍ଯ୍ୟ ମିଶ୍ର



ଜାଣେନା ମୋ ଠିକଣା
ଚାଲିଛି
ଆଗକୁ ଆଗକୁ.....
ଆଖି ର ସୀମା ସରହଦ ଡେଇଁ
ଅସଂକ୍ଷ ପାଦଚିହ୍ନ ଦେହେ ମୋର....
ଚିହ୍ନା ଚିହ୍ନା ସହର, ଅଚିହ୍ନା ମଣିଷର ସାଥେ
ଅତୃପ୍ତ ତୃଷ୍ଣା, ମେଣ୍ଟେ ନାହିଁ ଶୋଷ
କ୍ଲାନ୍ତ ନୁହେଁ କେବଳ ସମର୍ପଣ ର ଭାବ ନେଇ
ଚାଲିଛି ମୁଁ ଆଗକୁ ଆଗକୁ........

ବେଳେ ବେଳେ ଦଗ୍ଧୀଭୂତ ହୁଏ ଦେଖି ଦୁର୍ଘଟଣା
ରକ୍ତ ର ଛିଟା ଦେହେ ପଡି କରେ ଆନମନା
ଶର୍ବରୀ ର ଘନ ତମସା ରେ ଦେଖି ବିଭିଷିକା
ଇଚ୍ଛା ହୁଏ ଫେରି ଯାଆନ୍ତି ପଛକୁ
ତଥାପି ଆଗକୁ ଚାଲିବାକୁ ହେବ....
ଚାଲିବା ଧର୍ମ ମୋର.....
ମୋତେ ଚାଲିବାକୁ ହେବ, ଆଗକୁ ଆଗକୁ...

ନିର୍ବିକାର ନାଚାର ମୁଁ, ସମସ୍ତେ ପହଞ୍ଚନ୍ତି
ଗନ୍ତବ୍ୟ ସ୍ଥଳରେ
ମୋର କିନ୍ତୁ ଅସରନ୍ତି ପ୍ରତୀକ୍ଷା
ଅନବରତ ଅନୁସନ୍ଧାନ......
କର୍ଷଣ ରୁ ଧର୍ଷଣ ପର୍ଯ୍ୟନ୍ତ
ଚାଲିଥାଏ ସବୁକିଛି ମୋ. ଛାତି ଉପରେ
ବୁଝନ୍ତି ନି କେହି ଅନ୍ତର ବେଦନା
ଶୁନ୍ୟ କୁ ଚାହିଁ ପଚାରେ ମୋ ଠିକଣା.....
ନିରୁତ୍ତର ସର୍ବେ. ଧର୍ମ ପାଶେ ବନ୍ଧାପଡି
ଚାଲିଛି ଆଗକୁ ଆଗକୁ......


♥ ନୟାଗଡ଼
ମୋ: ୯୪୩୭୬୪୨୯୪୭


## ଝଡି ତୁମେ ଫେରିଆସ

### ଦୀପକ କୁମାର ମିଶ୍ର



ଘନଘନ ବର୍ଷା ତୁଆକୁ ତୁହାକୁ ଯେ
ଲାଗି ରହୁଥିଲା ଦଶ ଦିନ
ଥକେ ଯେ ଚପଳା, ଲୁଚେ ଇନ୍ଦ୍ରନାଦ
ଦେଖି ତୁମ ଉଗ୍ର ମନ ।

କାଗଜ ଡ଼ଙ୍ଗାର ବୋଇତ ବନ୍ଦାଣ
ହେଇଛି ଆଜି ସପନ
ଆଗୋ ବର୍ଷାରାଣୀ ତୁମ ଯଉବନ
ପଡ଼ିଛି କାହିଁ ମଳିନ ।

ଦିନ ଥିଲା ତୁମ ଝଡି ବରଷାରେ
ଚାଷୀ ହସୁଥିଲା କିରି କିରି
ଯୋଚେ ବଳଦକୁ ଲଙ୍ଗଳ ବେଣ୍ଟରେ
ମୁଣ୍ଡରେ ମାରିଣ ଠେକି ।

ମଣ୍ଡୁକ ଗର୍ଜନ ଶୁଭୁ ନାହିଁ ଆଉ
ତୁମ ପାଉଁଜିର ତାଳେ
ଝାଟିମାଟି ଘରୁ ଘରଣୀ ପ୍ରକୋପ
ଶୁଭୁନାହିଁ ତୁମ ଜ୍ୱାଳେ ।

ତିନ୍ତିଲା ଶେଜରେ ତରୁଣ ବୟସେ
ଦେଖିଛି କେତେ ସପନ
ଭରା ଝଡ଼ ରାତ୍ରେ ପ୍ରେୟସୀଙ୍କ ପାଇଁ
ଲେଖିଛି ପ୍ରେମ ନିବେଦନ ।

ସାଧବ ବୋହୂର ନାଲି ଟୁକୁ ଟୁକୁ
ହଜିତ ଯାଇଛି ଆଜି
ବରଷା ସୁନ୍ଦରୀ ଝଡି ରୂପ ଧରି
ଫେରି ଆସ ଦୟାକରି ।

ତୁମରି ଦୟାରେ ପିଲାଦିନେ କେତେ
ଛୁଟି ମିଳେ ବିଦ୍ୟାଳୟୁ
ଛତା ଉଡିଯାଏ ଝଡି ବରଷାରେ
ତିନ୍ତିଯାଏ ଶାଢ଼ୀ ପଲୁ ।

ଫେରି ଆସନ୍ତନି ଝଡି ବରଷା ଗୋ
ଅଦ୍ୟ ରାତ୍ରେ ମୋ ରାଣୀ ହୋଇ
ଝରକା କଡିରେ ତୁମ ଝଡି ରୂପ ପାଇଁ
ବସିଛି ଅନିଦ୍ରା ହୋଇ ।


♥ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଆହେ ଜଗନ୍ନାଥ...

### ତାରାପ୍ରସାଦ ଜେନା



ଆହେ ଜଗନ୍ନାଥ.......
ଆକାରରେ ଅଛ ନିରାକାରେ ପୁଣି
ନାହିଁ ପ୍ରଭୁ ଆଦି ଅନ୍ତ
ତବ ଜ୍ଞାନ ଗୁଣ କଳନା ବାହାରେ
ସାରା ସୃଷ୍ଟି ବଳବନ୍ତ !
ଆହେ ଜଗନ୍ନାଥ !

ଆସୁରୀ ବିଗୁଣ ହାଣ କାଟ ଛାର
ଅଧର୍ମର ପାପ ଖେଳ
ହସି ହସାଉଛ କିଛି ଜାଣିନାହଁ
ଧର୍ମ ରକ୍ଷ ଆଦିମୂଳ
ଚେତନାରେ ଥାଇ ବାଇ ମନ ଭିଡ଼
ଅଚିନ୍ତାର ନବ ଚିନ୍ତ
....ଆହେ ଜଗନ୍ନାଥ.......
ଆକାରରେ ଅଛ ନିରାକାରେ ପୁଣି
ନାହିଁ ପ୍ରଭୁ ଆଦି ଅନ୍ତ ।

ତୃଣ ତରୁ ବୃକ୍ଷ ନିରବ ନିଶ୍ଚଳ
ବିନା ପବନର ଚକ୍ର
ସୃଷ୍ଟି ସ୍ଥିତି ଲୟ ବର୍ଣ୍ଣ ମହାଶୂନ୍ୟ
ସର୍ବବ୍ୟାପୀ ଦୃଷ୍ଟି ବକ୍ର
ଇଙ୍ଗିତର ବିନା ହଲେ କିବା ପତ୍ର
ତରୁ ଲତା ପୁଷ୍ପ ବୃନ୍ତ
....ଆହେ ଜଗନ୍ନାଥ.....
ଆକାରରେ ଅଛ ନିରାକାରେ ପୁଣି
ନାହିଁ ପ୍ରଭୁ ଆଦି ଅନ୍ତ ।

ଜଳ ଅଗ୍ନି ଥାଇ ନିୟମକୁ ବାନ୍ଧ
ହେତୁ ଅହେତୁର କର୍ତ୍ତା
ନିନ୍ଦା ବନ୍ଦନାର ଉର୍ଦ୍ଧ୍ୱ ରହିଥାଅ
ସର୍ବମୟ କାଳ ଭର୍ତ୍ତା
ଅବୁଝାର ଭାବ ବୁଝିବାର ଜ୍ଞାନ
ଦିବ୍ୟ ଦୃଷ୍ଟି ସାଧୁ ପନ୍ତ
....ଆହେ ଜଗନ୍ନାଥ....
ଆକାରରେ ଅଛ ନିରାକାରେ ପୁଣି
ନାହିଁ ପ୍ରଭୁ ଆଦି ଅନ୍ତ ।


♥ ରାଜ ରଣପୁର, ଜିଲ୍ଲା- ନୟାଗଡ଼
ପିନ୍- ୭୫୨୦୨୬
ମୋ: ୯୩୪୮୦୫୪୩୦୦


## ସ୍ୱପ୍ନ ଥିଲା ପ୍ରିୟା ପାଇଁ

### ନୂତନ କୁମାର ବେହେରା



ମନର ସୁନ୍ଦର ବନେ ଉପବନେ ମୋର
ଆଶାର ପେନ୍ଥା ପେନ୍ଥା ସୁମନ କଢ଼ି
ଗଜୁରି ଉଠୁଥିଲା ବୟସର ପଲ୍ଲବିତ ଡାଳେ
ସବୁଜ ସମ୍ଭାବନାର ସମ୍ଭାରକୁ ନେଇ
ଫୁସୁଲେଇ ଥିଲି ଫୁଲେଇ ଫଗୁଣକୁ
ଆଣିବ ବୋଲି ମଧୁ ମଳୟକୁ ସାଥୀରେ ଧରି
ଅହେତୁକ ସ୍ୱପ୍ନ ଥିଲା ପ୍ରିୟା ପାଇଁ
ମୁକୁଳିତ ହେବ ସହକାର ଶୋଭା ଶିରୀ ଭରି
ଉଲ୍ଲସିତେ ନାଚି ଉଠିବ ପ୍ରାଣର ପୁଲକ
ବସନ୍ତର ପରଶରେ ଆତ୍ମବିଭୋର ହୋଇ
ଗାଇବ କୋଇଲି ପ୍ରୀତିର ପଞ୍ଚମ ରାଗରେ
ସାତ ସ୍ୱର ତୋଳି ପ୍ରେମର ସଂଗୀତ
ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ହେବ ଜୀବନ
ଶୁଣି ତା' ମଧୁର ମୂର୍ଚ୍ଛନାର କୁ...କୁ...ତାନ
ଅସରନ୍ତି ଅସୁମାରୀ କଳ୍ପନାକୁ ନେଇ
ସୁନେଲି ସ୍ୱପ୍ନ ଥିଲା ପ୍ରିୟା ପାଇଁ
ଭାବ ଭାଷା ବିନିମୟର ଭବ ସାଗରରେ
ହୃଦୟଭରା ଭଲ ପାଇବାର ଉର୍ମି
ଖେଳି ଖେଳି ଦୋଳି କରୁଥିଲେ ଅଳି
ମନ ସାଥେ ମନ ମିଶାଇ ଦେଇ
ଆତ୍ମା ସାଥେ ଆତ୍ମା ହେବ ଏକାକାର
ଅକ୍ଷୟ ରହିବ ଭରସା ବିଶ୍ୱାସର ଗନ୍ତାଘର
ପ୍ରେମ ପାରାବାରର ଉତ୍ତାଳ ତରଙ୍ଗସବୁ
ଛୁଉଁଥିଲା ସଫଳତା ପାଇବାର ବେଳାଭୂମି
କାମନାର ସ୍ନିଗ୍ଧ ବାଲୁକା ଶେଯରେ ହୋଇ ମୁଗ୍ଧ
ବସି ଏକା ଏକା ନିସ୍ତବ୍ଧତାର ଏକାନ୍ତରେ
ସେ ସବୁ ରଙ୍ଗୀନ ସ୍ୱପ୍ନ ଥିଲା ପ୍ରିୟା ପାଇଁ
ଜହ୍ନରାତିର ଜୋଛନାକୁ ସାଉଁଟୁ ଥିଲି ମୁଠା ମୁଠା
ତନୁଲତାରେ ତା' ବୋଲି ସଜାଇ ଦେଉଥିଲି
ଅଭିସାରିକାର ରଷି ମନଭୁଲା ବେଶ
ଆଖି ଆଇନାରେ ଅପଲକେ ଚାହିଁ ଚାହିଁ ତାକୁ
ସେ ଆକର୍ଷିତ ନେଉଥିଲା ମୋତେ
କାୟ ମନ ବାକ୍ୟରେ ବଶିକରଣର ମନ୍ତ୍ରରେ
ମଧୁବୋଳା ଓଠେ ତାର ଥିଲା ଫୁଟାଫୁଲର ହସ
ଲହଡ଼ି ଭଙ୍ଗା ରୂପ ଯୌବନର ବନ୍ୟାରେ
ଭାସି ବୁଲୁଥିଲି ମୁଁ ତା' ସ୍ରୋତର ଦୃତଗତିରେ
ଜୀବନ ତରୀର ମଙ୍ଗକୁ ସଳଖ କରି
କୂଳରେ ଲାଗିବାକୁ ଥିଲା ଅକ୍ଳାନ୍ତ ଉଦ୍ୟମ
ପ୍ରେମ ଉପତ୍ୟକାରେ ପହଞ୍ଚି ଅନାୟାସରେ
ଚାହିଁଥିଲି ଗଢ଼ିବାକୁ ଆକାଂକ୍ଷାର ମହଲଟିଏ
ଯେତେ ସାର୍ଥକତା ସ୍ୱପ୍ନ ଥିଲା ପ୍ରିୟା ପାଇଁ
ଗଭୀର ରାତ୍ରିର ଗାଢ଼ ନିଦ୍ରା ମୋର
ଭାଙ୍ଗିଗଲା କଡ଼ ଲେଉଟାଇଲା ବେଳେ
ଦେଖୁଥିବା ଯେତେ ମନୋହର ଦୃଶ୍ୟରାଜି
ହଜିଗଲା ସେ ସବୁ ସେ ରାତିର ଘନ ଅନ୍ଧାରରେ
ଖୋଜୁଛି ମୁଁ ସ୍ମୃତିର ପୃଷ୍ଠାକୁ ଓଲଟାଇ
ପରସ୍ତ ପରସ୍ତ ଖୋଲି ଦେଖୁଛି ଯେତେ କିଛି
ସେ ଅବଚେତନ ମନର ସ୍ୱପ୍ନ ଥିଲା ପ୍ରିୟା ପାଇଁ ।


♥ ବାରିପଦା, ମୟୂରଭଞ୍ଜ


## ଅନ୍ତରଙ୍ଗ

### ସ୍ନିଗ୍ଧା ପଣ୍ଡା



ତୋ ସହ ମୋର ସମୟକୁ
ପୁଣି ତତେ ବି
ଅନ୍ୟ ସହ ବାଣ୍ଟିବାକୁ କଷ୍ଟଲାଗେ ମତେ
ମୋର-ମୋର ବୋଲି କହୁଥିବି
ଅଥଚ ତୋର ହେଉ ନ ଥିବି
ମୋର ବୋଲି ଅନୁଭବିଲା ବେଳକୁ
ପାଉ ନ ଥିବି
ତୁ ଥିବୁ ଆଖିରୁ ଦୂରକୁ
ନିଃଶ୍ୱାସର ଅପହଞ୍ଚ ପୃଥିବୀର
କୋଉ ଗୋଟେ କୋଣକୁ ।

ତତେ ପାଇବାର ଅପୂରା ଆଶା
ତୋର ତୋ-ପଣକୁ ମୋ ଭିତରେ
ଭରିବାର ନିଶା
ସଂସାର ଭାବେ
ତୁ ବି ଭାବୁ
ମତେ ସଂକୀର୍ଣ୍ଣ କରିଛି
ମୁଁ ଭାବେ ମତେ ସଂପୂର୍ଣ୍ଣ କରିଛି
ତତେ ପାଏନାହିଁ ବୋଲି
ଅଭିଯୋଗ କରି
ସ୍ୱାର୍ଥପର ହେଲେ ହେଲି
ତୁ ଆଉ କହି ପାରିବୁନି
ଚାହିଁ ନ ଥିଲି କି କହି ନ ଥିଲି ।

ପାଇବାର ସ୍ୱାର୍ଥ ମୋର ଅନନ୍ତ ଗୌରବ
ପାଇଗଲି କହିଦେଲେ
ପାଳିବାକୁ ହେବ ପ୍ରାପ୍ତିର ପରବ
ପାଇଲିନି ଭାବୁଥିଲେ
ପାରୁଥିବି ଜିତି ଆଉ ସବୁ ଅଭାବ
ଦେଖା କେବେ ହେଉ କି ନ ହେଉ
ମୁଁ ଏକା ଜାଣୁଥିବି
ତୁ-ମୁଁ କେତେ ଅନ୍ତରଙ୍ଗ ।


♥ ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ: ୯୮୬୧୩୨୩୬୫୦


## ଅଝଟ ଏ ଋତୁ

### ଅନିତା ରାୟ



ଲିଭାଇ ପାରେନି
ଏମନ ଆଲୁଅ
ରାତି ଯେବେ ବେଶି ହୁଏ
ବରଷା ଝରିଲେ
ଅଝଟ ଋତୁଟା
ଚିଠି ଟିଏ ଲେଖି ଦିଏ ।

କାହା ଇଙ୍ଗିତରେ
ଦକ୍ଷିଣା ପବନ
ଝରକା ମୋ ଛୁଇଁ ଦେଲା
ରାଗିବି ବୋଲି ତ
ରାଗି ପାରିଲିନି
ନିଜର ସେ କରି ନେଲା ।

ମୁଠାଏ ମାଟିରେ
ମହକି ଉଠିଲା
ସପନର ବାସ ଏତେ
ଏ ଆଖିରେ ଆସି
କା'ରୂପ ଦିଶିଲା
କିଏ ଛୁଇଁ ଦେଲା ମୋତେ ।

ଅସଜଡା ଏଇ
ଅମଉଳା ପ୍ରୀତି
ନିଶାଗ୍ରସ୍ତ ହୋଇ ଗଲା
ଆଲିଙ୍ଗନେ ବାନ୍ଧି
ଉତ୍ତପ୍ତ ତୃଷ୍ଣାକୁ
ବିବଶତା କରିଦେଲା ।

ଏତେ ମିଠା ସତେ
ପ୍ରେମର କାହାଣୀ
ମଧୁବନ ମହୁ ପରି
ଶେଷ ହୁଏ ନାହିଁ
ପଢୁଥିଲେ ବସି
ସୁଗନ୍ଧତା ଦିଏ ଭରି ।

ସବୁଜିମାର ଏ
ଶୀତଳ ନିଃଶ୍ୱାସ
ଧୀରେ ଧୀରେ ଦେହେ ବାଜେ
କହିବାକୁ କଥା
ଦିଏ ନାହିଁ ମୋତେ
ମୋ ପାଖେ ଆସି ଆଉଜେ ।


♥ ଡୁମୁଡୁମା ହାଉସିଂବୋର୍ଡ କଲୋନୀ
ଭୁବନେଶ୍ୱର
ମୋ: ୭୯୭୮୯୭୯୫୩୬


## ଧନ୍ୟ ସତ୍ୟବାନ ଗୋସେଇଁ

### ଶିଶିର କୁମାର ପଣ୍ଡା



ସେ ଯେଉଁ ଘରଣୀ ଖୁସି ହେଉଥାଏ
ଗାଳିଦେଇ ଘଡ଼ି ଘଡ଼ିକି
ଆଜି ମାଗୁଅଛି ସିନିହ ଆଶୀଷ
ମୋଓ ପାଦ ତଳେ ପଡ଼ିକି ।
ଏ କେଉଁ ପରବ ଆସିଲା ?
ଗନ୍ଧେଇବା ଚିଜ ଦିନକ ପାଇଁରେ
ମହ ମହ ହୋଇ ବାସିଲା ।

କବାଟ କିଳିକି ହେଉ ପଛେ ସିଏ
ମିଠା କଥା ପଦେ କହୁଛି
ସବୁଦିନ ଯହିଁ ଝାଞ୍ଜି ପିଟୁଥିଲା
ଆଜିତ ମଳୟ ବହୁଛି ।
ଧନ୍ୟ ସତ୍ୟବାନ ଗୋସେଇଁ ।

ତମ ପାଇଁ, ପାଣି ଥାଉକି ନଥାଉ
ମନ ମୋ ଯାଉଛି ଶୋଷେଇ ।

ପକେଟରୁ ଯାହା ପଇସା ଯାଇଛି
ସେ କଥାକୁ ଜମା ଧରୁନି
ଆଉ ଯଦି କିଛି ଝଡ଼ିବାର ଥିବ
ସେଥିପାଇଁ ଦୁଃଖ କରୁନି ।
କଲି ସେ ହାତକି ଯୋଡ଼ିବ ?
ଭଲକି ଜାଣେ ମୁଁ କୁକୁଡ଼ା ଭଳିଆ
ମୋଅରି ବେକକୁ ମୋଡ଼ିବ ।


♥ କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮


## ହେରା ପଞ୍ଚମୀ

### ସୁନୀଲ କୁମାର ପ୍ରଧାନ



ଭାଇ ଭଉଣୀଙ୍କୁ ଧରିଣ କାଳିଆ
ଯାତ୍ରା ଶୁଭାରମ୍ଭ କରେ
ଲକ୍ଷ୍ମୀ ମାଆ କୁ ନ ନେଇ କାଳିଆ
ଚାଲିଥାଏ ଆନନ୍ଦରେ ।

ରାଗିଯାଇ ମାଆ ରୋଷ କରିଥାନ୍ତି
ବଡ଼ ଠାକୁରଙ୍କ ଠାରେ
ଗୋଟିଏ ଥରେ ବି ନ ଡାକିଲ ପ୍ରଭୁ
ଯିବା ପାଇଁ ଗୁଣ୍ଡିଚା ପୁରେ ।

ନନ୍ଦିଘୋଷ ଠାରେ ପହଞ୍ଚିବା ବେଳେ
ମାଁ ଲକ୍ଷ୍ମୀଙ୍କୁ କରୁ ବନ୍ଦନା
କର୍ପୂର ବଳିତା ସହିତ ଚାଉଳ
ହୋଇଥାଏ ବନ୍ଦାପନା ।

ଏକ ଦିନ କହି ପାଞ୍ଚ ଦିନ ହେଲା
ନ ଆସିଲ ଆମ୍ଭ ପୁର
ଏମିତି ମନରେ ରାଗ କରିଥାନ୍ତି
ଜଗତ ଜନନୀ ସତ୍ୱର ।

'ହେରା' ର ଶବଦ ଦର୍ଶନ ହେଉଛି
'ପଞ୍ଚମୀ' ଯେ ପାଞ୍ଚଦିନ
ଲକ୍ଷ୍ମୀ ମାଆ ସତେ କ୍ରୋଧ ବହି ଚିତ୍ତେ
ଭାଙ୍ଗିବାକୁ ରଥ ଜାଣ ।

ଏହି ପରକାରେ ଲକ୍ଷ୍ମୀ ମାଆ କହି
ଆସିଥାନ୍ତି ଶ୍ରୀମନ୍ଦିର
ସେ ଦିନ ଠାରୁ ତିନି ରଥ ସବୁ
ଦକ୍ଷିଣ ମୁଖେ ହାଜର ।

ମହାପ୍ରଭୁଙ୍କର ଆଜ୍ଞା ମାଳ ପାଇ
ମାଆ ଯାଇଥାନ୍ତି ପୁରେ
ଶୀଘ୍ର ଆସିବ ବୋଲି ଯେ କହିଣ
ଖୁସି ଆନନ୍ଦ ଭରେ ।

ନୀତି ନୀତି ସହ ନାକଚଣା ଦ୍ୱାରେ
ରଥ ହୋଇଯାଏ ଠିଆ
ସେହି ଦିନ ଠାରୁ ବାହୁଡ଼ା ଯାତରା
ହୋଇଥାଏ ସତେ ଆହା ।


♥ ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଦେଖିଲି ରଥଯାତ

### ଜୟନ୍ତ କୁମାର ମଲ୍ଲିକ୍



ପୁରୀକି ଗଲି ରଥ ଟାଣିଲି
ଧରିକି ତାଙ୍କ ରଶି
ଜଗା ବସିକି ରଥ ଉପରେ
ଦିଏ ଅଳପ ହସି ।
ଜନ ଗହଳି କାହିଁରେ କେତେ
କଳନା ତା'ର ନାହିଁ
ଶଙ୍ଖ ମହୁରୀ ଢୋଲ ବାଜୁଛି
କାନ ମାରଇ ଝାଇଁ ।

ଛେରାପହଁରା ରଜା କରନ୍ତି
ସେଇଠି ଭାରି ଭିଡ଼
ଦୋଷ କରିଲେ ପୋଲିସି ବାବୁ
ଦେବେରେ ଲାଠି ମାଡ଼ ।
ଜଗା ବସିଛି ନନ୍ଦିଘୋଷରେ
ଷୋଳଟି ଚକ ନେଇ
ଟାଣିଲି ଯାଇ ସେହି ରଥକୁ
କେତେ ଆନନ୍ଦ ହୋଇ ।
ରଥ ରହିଲା ଭିଡ଼ ଜମିଲା
ଜମିଲା ବଡ଼ ଦାଣ୍ଡ
ଖାଇବା ପାଇଁ କିଣି ଆଣିଲୁ
ତାଙ୍କ ଅବଢ଼ା ଭାଣ୍ଡ ।
ତାଙ୍କରି କଥା ଭାବିକି ଆଜି
ଦେଉଛି ପଦେ ଲେଖି
ନାଆଁ ତାଙ୍କର ଅନେକ ଅଛି
ଡାକେ ମୁଁ ଚକାଆଖି ।


♥ ଶୂରଡ଼ିହ,ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# ୨୦୧୯ରୁ ୨୦୨୨ ମଧ୍ୟରେ ୯୮୦ଟି ଭିଜିଲାନ୍ସ ମାମଲା ରୁଜୁ ହୋଇଛି : ଗୃହ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୪/୦୭ (ନି.ପ୍ର): ୨୦୧୯ରୁ ୨୦୨୨ ମଧ୍ୟରେ ୯୮୦ଟି ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ଆଜି ବିଧାନସଭାରେ ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ସେଥିରୁ ୩୧୬ ଜଣ ସରକାରୀ ଅଫିସର,୧୦ଜଣ ବ୍ୟବସାୟୀ ଓ ୨ ଜଣ ରାଜନେତାଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ଏଥିରୁ ୩୩୬ଟି ମାମଲାର କୋର୍ଟ ବିଚାର ସରି ୧୮୨ ଜଣଙ୍କୁ ଦଣ୍ଡାଦେଶ ହୋଇଥିଲା।

ତାରାଙ୍କ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା। ଲିଖିତ ଉତ୍ତରରେ ତୁଷାରକାନ୍ତି କହିଛନ୍ତି ରାଜ୍ୟରେ ୩୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି। ଏମାନଙ୍କୁ ଚିହ୍ନଟ କରିବାକୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏବେ ରାଜ୍ୟର ବରଗଡ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମାଲକାନଗିରି, ନବରଙ୍ଗପୁର ଓ ରାଜଧାନୀ ଭୁବନେଶ୍ୱରର ୟୁପିଡିରେ ରହୁଛନ୍ତି । ସବୁଠୁ ବଡ଼ କଥା ଅନୁପ୍ରବେଶକାରୀ ବାଂଲାଦେଶୀଙ୍କ ମଧ୍ୟରୁ ୧୭୧୧ ଜଣଙ୍କୁ ଦେଶାନ୍ତର ନୋଟିସ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ଦେଶାନ୍ତର କରାଯାଇଥିବା କଥା ଉତ୍ତରରେ ଉଲ୍ଲେଖ ରହିଛି।

# ରାଗିଂ ବିରୋଧରେ 'ଶୂନ୍ୟ ସହନଶୀଳତା' ଘୋଷଣା କରାଯାଉ

ଭୁବନେଶ୍ୱର ,୪/୦୭ (ନି.ପ୍ର): ରାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିବା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତିଙ୍କ ପରିବାରକୁ ନ୍ୟାୟ ଦିଆଯାଉ। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ରାଗିଂ ବିରୋଧରେ 'ଶୂନ୍ୟ ସହନଶୀଳତା' ଘୋଷଣା କରନ୍ତୁ। ଏହାସହ ରୁଚିକା ମୃତ୍ୟୁର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ଦିଅନ୍ତୁ ବୋଲି ଦାବି କରିଛି ରାଗିଂମୁକ୍ତ କ୍ୟାମ୍ପସ୍ ଅଭିଯାନ।

ସ୍ଥାନୀୟ ୟୁନିଟ୍-୩ସ୍ଥିତ ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯାନର ଆବାହକ ତେଜେଶ୍ୱର ପରିଡ଼ା କହିଥିଲେ ଯେ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ନିରୋଧ କମିଟି କେବଳ ନାମକୁମାତ୍ର ରହିଛି। ଏହା ରାଗିଂ ରୋକିବାରେ ସଫଳ ହେଉନାହିଁ। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଜାମ୍ମୁକାଶ୍ମୀର ଭଳି ରାଜ୍ୟରେ ରାଗିଂ ନିରୋଧ ଆଇନ ରହିଛି। ଏହି ଆଇନ ଦ୍ୱାରା ସେଠାରେ ରାଗିଂକୁ ବହୁମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିଛି। ତେଣୁ ଓଡ଼ିଶାରେ ମଧ୍ୟ ଏଭଳି ଏକ ଆଇନର ବ୍ୟବସ୍ଥା କରାଯାଉ। ଆସନ୍ତାକାଲି ବିଧାନସଭା ଅଧିବେଶନରେ ସବୁ ରାଜନୈତିକ ଦଳର ବିଧାୟକମାନେ ଏ ସଂପର୍କରେ ଆଲୋଚନା କରିବାକୁ ସେ ଦାବି କରିଛନ୍ତି। ଏହାବ୍ୟତୀତ ରାଜ୍ୟରେ ତୁରନ୍ତ ଏକ ରାଜ୍ୟସ୍ତରୀୟ ରାଗିଂନିରୋଧ ଟାସ୍କଫୋର୍ସ ଗଠନ ଓ ଓଡ଼ିଶା ପୁଲିସ୍‌ର ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆରପିସି) କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ଆଣ୍ଟି-ରାଗିଂ ହେଲ୍ପଲାଇନ୍ ଆରମ୍ଭ କରାଯିବାକୁ ସେ ଦାବି କରିଛନ୍ତି।

ଅଭିଯାନ କହିଛି, ୨୦୦୯ ଫେବ୍ରୁଆରି ୧୧ ତାରିଖରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଅରଜିତ୍ ପଶାୟତ ରାଗିଂକୁ ନେଇ ଦେଇଥିବା ରାୟକୁ ରାଜ୍ୟ ସରକାର ଅନୁପାଳନ କରନ୍ତୁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଡ. ଆରକେ ରାଘବନ୍‌ଙ୍କ ନେତୃତ୍ୱରେ ଗଠନ ହୋଇଥିବା 'କମିଟି ଅନ୍ ରାଗିଂ'ର ପ୍ରସ୍ତାବ ୨୦୦୭ ମେ' ୭ ତାରିଖରେ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ଏହି ପ୍ରସ୍ତାବକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଏହାସହ ୨୦୦୧ ମେ' ୪ରେ କେନ୍ଦ୍ର ଓ ରାଜ୍ୟ ସରକାର ତଥା ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ସୁପ୍ରିମ୍‌କୋର୍ଟ ଜାରି କରିଥିବା ଗାଇଡ୍‌ଲାଇନକୁ ଓଡ଼ିଶା ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଏ ସଂପର୍କିତ ସମସ୍ତ ଦସ୍ତାବିଜ୍ ଅଭିଯାନ ପକ୍ଷରୁ ରାଜ୍ୟ ମାନବାଧିକାର ଆୟୋଗଙ୍କୁ ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯାନର ସହ ଆବାହକ ମୀର ଅହମ୍ମଦ ଅଲ୍ଲୀ, ନଳିନୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିଲା

ଭୁବନେଶ୍ୱର,୪/୦୭ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଆଜି କମିଛି। ଗତ ୭ଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରୁ ତଳକୁ ଖସୁନଥିବା ବେଳେ ସୋମବାର ଦିନ ୨୪୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତକାଲି ୩୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ମାତ୍ର ୨୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୪୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୦୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୪୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୮ଟି ଜିଲ୍ଲାରୁ ୨୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୧୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୩୫ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୧ ଜଣ, କଟକରୁ ୩୮ ଜଣ, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୩୫, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୭ ଜଣ, ନୟାଗଡ଼ ଜିଲ୍ଲାରୁ ୨ ଜଣ, ପୁରୀରୁ ୨ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୩ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟପୁଲରୁ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୯୦, ୭୮୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୮୦, ୧୧୪ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୪୯୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ

ତାଳଚେର,୪/୦୭ (ନି.ପ୍ର): ତାଳଚେର ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇସେନ୍ସ ଆଣ୍ଡ ରିସର୍ଚ୍ଚ(ମିମସାର) ଓ ଡାକ୍ତରଖାନା ଖୋଲିବା ଦାବିରେ ଆଜି ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି। ଏନେଇ ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା। ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ବନ୍ଦ ପାଳନ କରାଯାଉଛି। ବିଶିଷ୍ଟ ନାଗରିକ ଭୂପେନ ଥମ୍ବ, ପୂର୍ଣ୍ଣଚନ୍ଦ୍ର ସାହୁ, ଦାଶରଥୀ ସାହୁ ଓ ପଦ୍ମ ଚରଣ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି।

ସୂଚନାଯୋଗ୍ୟ,ତାଳଚେରସ୍ଥିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇସେନ୍ସ ଆଣ୍ଡ ରିସର୍ଚ୍ଚ(ମିମସାର)ରେ ୨୦୨୧-୨୨ଶିକ୍ଷା ବର୍ଷରୁ ନାମଲେଖା ହେବ ବୋଲି କହିଥିଲେ ରାଜ୍ୟ ମୁଖ୍ୟ ଶାସନ ସଚିବ। ଗତବର୍ଷ ନଭେମ୍ବର ୧୯ ତାରିଖରେ ମେଡିକାଲ କଲେଜ ସଂପର୍କରେ ସମୀକ୍ଷା ପରେ ଏଠାରେ ୧୦୦ ଏମ୍ବିବିଏସ୍ ଆସନରେ ପାଠପଢ଼ା ଆରମ୍ଭ ହେବ ବୋଲି କୁହାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ମେଡ଼ିକାଲ କଲେଜ କିଏ ଚଳାଇବ ତାହା ବି ସ୍ଥିର ହୋଇପାରିଲାନି। ତେଣୁ ୨୦୨୧-୨୨ଶିକ୍ଷା ବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ ହେବା ଆଶା ମଉଳି ଯାଇଥିଲା। ମେଡିକାଲ କଲେଜ ଓ ଡାକ୍ତରଖାନା ଖୋଲିବା ନେଇ ବର୍ଷ ପରେ ବର୍ଷ ବିତୁଥିବାରୁ ଏହାକୁ ନେଇ ଜିଲ୍ଲାରେ ଅସନ୍ତୋଷ ବି ବଢ଼ିବାରେ ଲାଗିଛି।

ତାଳଚେରରେ ହେବାକୁ ଥିବା ମେଡିକାଲ କଲେଜ କୋଠା ଏମ୍‌ସିଏଲ ଦ୍ୱାରା ନିର୍ମାଣ କରାଯାଇଛି। ଏହି ମେଡିକାଲ କଲେଜ ଓ ଡାକ୍ତରଖାନା ନିର୍ମାଣ ପାଇଁ ୨୦୧୪ରେ ରାଜ୍ୟ ସରକାର ଓ ଏମ୍‌ସିଏଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହାକୁ ତାଳଚେର ନେହରୁ ଶତାବ୍ଦୀ ଡାକ୍ତରଖାନା ନିକଟରେ କରିବା ପାଇଁ ନିଷ୍ପତ୍ତି ହେବାପରେ ନୂଆ କୋଠା ପାଇଁ ରାଜ୍ୟ ସରକାର ୨୦ ଏକର ଜମି ଯୋଗାଇ ଦେଇଥିଲେ। ଏଠାରେ ୧୦୦ଟି ଆସନ ବିଶିଷ୍ଟ ଏମ୍ବିବିଏସ ପାଠ୍ୟକ୍ରମ ପାଇଁ ପାଠପଢ଼ା ହେବା ସହ ନେହରୁ ଶତାବ୍ଦୀ ଡାକ୍ତରଖାନାକୁ ମିଶାଇ ୫ଶହ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ଡାକ୍ତରଖାନା କାର୍ଯ୍ୟ କରିବ ବୋଲି କୁହାଯାଇଥିଲା। ପରେ ୨୦୧୬ରେ ମେଡିକାଲ କଲେଜ କୋଠା ନିର୍ମାଣ ଆରମ୍ଭ ହୋଇ ୨୦୧୮ରେ ଶେଷ ହୋଇଥିଲା। ଏପରିକି ୨୦୧୯ରେ ଏହି ଏକାଡେମିକ୍ କୋଠାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ଘାଟନ କରିଥିଲେ। ତେଣୁ ସମସ୍ତଙ୍କର ଆଶା ଥିଲା ୨୦୧୯-୨୦ ବର୍ଷରୁ ଏହି ମେଡିକାଲ କଲେଜରେ ପାଠପଢ଼ା ସହ ଚିକିତ୍ସା ସୁବିଧା ଆରମ୍ଭ ହେବ। କିନ୍ତୁ ବିଭିନ୍ନ କାରଣରୁ ଏହା ଘୁଞ୍ଚି ଘୁଞ୍ଚି ଚାଲିଛି।



# କନ୍ଧମାଳର ଦୁଇ ସାହିତ୍ୟିକଙ୍କୁ ଜ୍ଞାନପ୍ରକାଶ ଦ୍ୱାରା ସମ୍ବର୍ଦ୍ଧିତ

କନ୍ଧମାଳ,୪/୦୭ (ନି.ପ୍ର): ଆଜି ବୌଦ୍ଧର ଟାଉନ ହଲ ଠାରେଅଗ୍ରଣୀ ଅନୁଷ୍ଠାନ ଜ୍ଞାନପ୍ରକାଶ ଦ୍ୱାରା ରାଜ୍ୟର ବିଭିନ୍ନ ସାହିତ୍ୟିକ, ସମାଜ ସେବୀ, କଳାକାର ମାନଙ୍କୁ ସେମାନଙ୍କ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି । କନ୍ଧମାଳ ତଥା ଓଡିଶାର ଜଣାଶୁଣା ସାହିତ୍ୟିକ ଡ଼ଃ ନୃସିଂହାନନ୍ଦ ମହାପାତ୍ର କନ୍ଧମାଳର ସାମଗ୍ରିକ ସାହିତ୍ୟ କୃତି ପାଇଁ ପୁରସ୍କୃତ ହୋଇଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶାର ବାହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଥିଲା ବେଳେ ତାଙ୍କର ଅନେକ ପୁସ୍ତକ ପ୍ରକାଶିତ ହେବା ସହ ପାଠକୀୟ ଆଦୃତି ଲାଭ କରିଛି। ବୌଦ୍ଧ ଜିଲ୍ଲାର ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ପୌରପାଳ ମୃତ୍ୟୁଞ୍ଜୟ ମିଶ୍ର , ଗାୟିକା ଶୈଳଭାମା ମହାପାତ୍ର, ଦେବାଶିଷ ମହାପାତ୍ର ଲକ୍ଷ୍ମିଧର ବେହେରା, ଚିତରଞ୍ଜନ ପାଣିଗ୍ରାହୀ ଶ୍ରବଣ ବାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପ୍ରିତିପଲ ସିଂ ପାଣ୍ଡୁ, ରାଜେନ୍ଦ୍ର ମେହେର, ଜ୍ଞାନ ପ୍ରକାଶ ର ସମ୍ପାଦକ ସରୋଜ କୁମାର ସାହୁ ପ୍ରଭୃତି ମଂଚାସୀନ ହୋଇ ଡ଼ଃ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କନ୍ଧମାଳର ବରିଷ୍ଠ ଶିଶୁ ସାହିତ୍ୟିକ,ସଂଗଠକ, ନାଟ୍ୟକାର, ତଥା ମଂଚ ସଂଚାଳକ କୈଳାଶ ଚନ୍ଦ୍ର ଧଳ ଙ୍କୁ ତାଙ୍କର ସାହିତ୍ୟ ପ୍ରତି ବିଶେଷ ଅବଦାନ ପାଇଁ ସମ୍ମାନ ସନନ୍ଦ ପ୍ରଦାନ କରାଯାଇଥିଲା ।

# ମଠସରସିଙ୍ଗିଠାରେ ଶ୍ରୀ ତ୍ରିନାଥ ଠାକୁରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଗଞ୍ଜାମ,୪/୦୭ (ନି.ପ୍ର) : ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ମଠସରସିଙ୍ଗି ଗ୍ରାମରେ ଶ୍ରୀ ତ୍ରିନାଥ ଠାକୁରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଯାଇଛି । ଉକ୍ତ ଗ୍ରାମର ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବିଧିବିଧାନ କ୍ରମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମରେ ପ୍ରତି ଘର ସମ୍ମୁଖରେ ଲିପା ପୋଛା କରି ସୁସଜ୍ଜିତ ବର୍ଦ୍ଧନି କଳସ ଧୂପ, ଦୀପ ସହ ସଜେଇ ରଖିବା ସହ ପୂଜାର୍ଚ୍ଚନା ପୂର୍ବକ ଗ୍ରାମରେ ସ୍ତ୍ରୀ ଲୋକମାନଙ୍କ ଦ୍ୱାରା ପ୍ରଥମ ଦିନରେ କଳସ ଶୋଭାଯାତ୍ରା ମଧ୍ୟ ହୋଇଥିଲା । ଏହି ପଂଚ ମହାଯଜ୍ଞ ପାଂଚଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବେଳେ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହେବ । ନାମଯଜ୍ଞ ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନ ଯଜ୍ଞ ଆଦି ଚାଲୁରହିଥିବା ବେଳେ ପଣ୍ଡିତ ମାନଙ୍କ ବେଦ ପାଠରେ ଅଂଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭାଗବତ ପାରାୟଣ ମଧ୍ୟ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ଆଖପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ସାମିଲ୍ ହେବା ସହ ଅନ୍ନ ପ୍ରସାଦ ସେବନ କରିଛନ୍ତି ।

# ବଲାଙ୍ଗିର ପଲିଟେକ୍ନିକର ବାର୍ଷିକ ଉତ୍ସବ ଗୁଞ୍ଜନ-୨୦୨୨ ଅନୁଷ୍ଠିତ

ବଲାଙ୍ଗିର,୪/୦୭ (ନି.ପ୍ର): ବଲାଙ୍ଗିର ପଲିଟେକ୍ନିକ୍ର ବାର୍ଷିକ ଉତ୍ସବ 'ଗୁଞ୍ଜନ-୨୦୨୨' ଏହାର ବାଳକ ଛାତ୍ରାବାସ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଓ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ଡିନ୍ ଏବଂ ଅଧ୍ୟକ୍ଷ ପ୍ରଫେସର ଡ. ସବିତା ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରବିର କୁମାର ମହାନ୍ତିଏହି ଉତ୍ସବରେ ପୌରାହିତ୍ୟ କରିବା ସହ ସ୍ୱଗତ ସଂଭାଷଣ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉକ୍ତ ଅବସରରେ ଅନୁଷ୍ଠାନର ପ୍ରଥମ ଥର ପ୍ରକାଶ ପାଉଥିବା ବାର୍ଷିକ ପତ୍ରିକା 'ଟେକ୍ଲିଟ୍' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପଲିଟେକ୍ନିକ ସ୍ତରରେ ଏପରି ଏକ ଉତ୍ସବର ଆୟୋଜନକୁ ଜିଲ୍ଲାପାଳ ଭୂୟସି ପ୍ରଶଂସା କରିବା ସହ ସମୟ ଓ ପରିସ୍ଥିତି ସହ ନିଜକୁ ସାମିଲ କରି ଉତମ ଗୁଣବତାର ଅଧିକାରୀ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଆଗାମୀ ଦିନରେ ପଶ୍ଚିମ ଓଡିଶାର ଦଶ ଗୋଟି ଜିଲ୍ଲାରେ ଥିବା ସମସ୍ତ ପଲିଟେକ୍ନିକ୍ ଓ ଆଇଟିଆଇର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବଲାଙ୍ଗିରରେ ଏକ ସାମୁହିକ ପ୍ରତିଯୋଗିତାର ଆୟୋଜନ କରିବାର ଇଚ୍ଛା ବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଡ. ମହାପାତ୍ର ଶିକ୍ଷା ଓ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ୪ ବର୍ଷ ହେବ ଗାଁରୁ ବାସନ୍ଦ ରଖି ନିର୍ଯାତନା, ନିଆଁ-ପାଣି ବନ୍ଦ ପାଇଁ ଗାଁ ସଭାପତିଙ୍କ ହ୍ୱିପ୍

ଓଡ଼ଗାଁ ,୪/୦୭ (ନି.ପ୍ର): ଆଜି ବି ଗାଁରେ କଙ୍ଗାରୁକୋର୍ଟ ବସି ଲୋକଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଉଛି। ଏହାକୁ ଯିଏ ବିରୋଧ କରିବ ତାକୁ ଗାଁରୁ ବାସନ୍ଦ ରହିବାକୁ ପଡୁଛି। ବାସନ୍ଦ ପରିବାର ପୁଲିସ ପାଖରେ ଗୁହାରି କଲେ ମଧ୍ୟ କିଛି ଲାଭ ମିଳୁନି। ଗାଁ ଚାପରେ ପୁଲିସ ମାମଲା ରୁଜୁ କରିବା ତ ଦୂରର କଥା ଘଟଣାରେ ମୁଣ୍ଡ ପୂରାଉନି। ଏମିତି ଏକ ଘଟଣା ଓଡ଼ଗାଁ ବ୍ଲକ୍ ଶରଣକୁଳ ଥାନା ଦରପଦା ଗ୍ରାମରେ ଦେଖିବାକୁ ମିଳିଛି। ଦୀର୍ଘ ୪ବର୍ଷ ଧରି ଗାଁରୁ ବାସନ୍ଦ ଥିଲେ ମଧ୍ୟ ପୁଲିସ କର୍ଣ୍ଣପାତ ନ କରିବାରୁ ଏବେ ପୀଡ଼ିତ ଜଣକ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ, ଦରପଦା ଗ୍ରାମର ରବି ଦାଶଙ୍କ ପରିବାରରେ ଦୁଇ ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଦେଖା ଦେଇଥିଲା। ଘଟଣା ଯାଇ ଗାଁରେ ପହଞ୍ଚିବା ପରେ ଦୁଇଭାଇ ରବି ଦାଶ ଏବଂ ହରି ଦାଶଙ୍କୁ ବୈଠକକୁ ଡାକି ବିଚାର କରାଗଲା। କିନ୍ତୁ ରବି ଦାଶ ଏଥିରେ ଅସନ୍ତୋଷ ପ୍ରକାଶ କରିବାରୁ ତାଙ୍କୁ ପ୍ରଥମେ ଅର୍ଥ ଦଣ୍ଡରେ ଦଣ୍ଡିତ କରାଗଲା। ଏକକାଳୀନ ୧ ଲକ୍ଷ ଟଙ୍କା ଦଣ୍ଡ ଆକାରରେ ଦେବାକୁ ଗାଁ ସଭାପତି ପଞ୍ଚାନନ ଡାକୁଆ ହ୍ୱିପ୍ ଜାରି କଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ରବି ଦାଶ ଅର୍ଥ ନ ଦେବାରୁ ତାଙ୍କୁ ଗାଁରୁ ବାସନ୍ଦ କରାଯାଇଛି। ଗାଁ ନିଷ୍ପତ୍ତି ଅନୁଯାୟୀ, ତାଙ୍କୁ ନିଆଁ, ପାଣି, ଦୋକାନ, ବଜାର ବନ୍ଦ କରି ଦିଆଯାଇଛି। ଏମିତିକି ଯିଏ କଥା ହେବ କିମ୍ବା ସାହାଯ୍ୟ କରିବ ତାକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ ବୋଲି ଗାଁ ସଭାପତି ଚେତାବନୀ ଦେଇଛନ୍ତି।

ଗାଁରୁ ବାସନ୍ଦ ରହିବା ପରେ ରବି ଦାଶ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ସେଥିରେ ହସ୍ତକ୍ଷେପ କରିନଥିଲା। ଏହା ପରେ ରବି ଦାଶ ଜମିରେ ଫସଲ କରିବା ପରେ ତାଙ୍କୁ ସେହି ଜମିକୁ ଯିବାକୁ ବାରଣ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଟ୍ରାକ୍ଟର ଲଗାଇ ଫସଲ ଉଜାଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହା ପରେ ସେ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ସଭାପତି ପଞ୍ଚାନନ ଡାକୁଆ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିବା ସେ ଅଭିଯୋଗ କରିଛନ୍ତି। ଗତ ୨୮ ତାରିଖ ଦିନ ଏଭଳି ଘଟଣା ଘଟିଥିଲେ ମଧ୍ୟ ପୁଲିସ ଏହି ଘଟଣାରେ ମୁଣ୍ଡ ପୂରେଇନି। ବାରମ୍ବାର ଥାନାକୁ ନ୍ୟାୟ ପାଇଁ ଧାଇଁ ନିରାଶ ହେବା ପରେ ଏବେ ସେ କୋର୍ଟର ଆଶ୍ରୟ ନେଇଛନ୍ତି। ରବି ଦାଶଙ୍କ ପରିବାର ୪ ବର୍ଷ ହେବ ଗାଁରୁ ବାସନ୍ଦ ରହି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଦରପଦା ଗ୍ରାମର ଶ୍ୟାମବନ୍ଧୁ ପାତ୍ରଙ୍କ ପୁଅ ସୁରେଶ ଚନ୍ଦ୍ର ପାତ୍ରଙ୍କ କ୍ଷେତ୍ରରେ ସମାନ ଘଟଣା ଦେଖିବାକୁ ମିଳିଛି। ଜମିବାଡ଼ି ବିବାଦରେ ସୁରେଶଙ୍କୁ ଗାଁରୁ ବାସନ୍ଦ ହେବାକୁ ପଡ଼ିଛି। ଜମିବାଡ଼ି ଭାଗବଣ୍ଟା ନେଇ ବିବାଦ ଉପୁଜିବା ପରେ କଙ୍ଗାରୁକୋର୍ଟର ଆଶ୍ରୟ ନିଆଯାଇଥିଲା। ଗାଁ ସଭାପତି ସୁରେଶ ପାତ୍ରଙ୍କୁ ଅର୍ଥ ଦଣ୍ଡ କରିବା ପରେ ତାଙ୍କୁ ଦୁଇବର୍ଷ ହେବ ଗାଁରୁ ବାସନ୍ଦ କରି ରଖିଥିବା କହିଛନ୍ତି। ତାଙ୍କୁ ମଧ୍ୟ ଗାଁରୁ ନିଆଁ, ପାଣି ବନ୍ଦ କରାଯାଇଛି। ସେ ଶରଣକୁଳ ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଅଭିଯୋଗ ରଖିନଥିବା ସେ କହିଛନ୍ତି। ଗାଁ ଲୋକେ କଙ୍ଗାରୁକୋର୍ଟର ଶିକାର ହେଉଥିଲେ ମଧ୍ୟ ପୁଲିସ ଜାଣିଶୁଣି ଏହାକୁ ପ୍ରଶ୍ରୟ ଦେଉଥିବା କିଛି ବୁଦ୍ଧିଜୀବୀ କହିଛନ୍ତି। କିଛି କୁଜିନେତା, ଟାଉଟ ?ଙ୍କ ଚାପରେ ପୁଲିସ ଚୁପ୍ ରହିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କହିଛନ୍ତି।



# ଅପମୃତ୍ୟୁ ଅପେକ୍ଷାରେ କେନ୍ଦୁଝର ଜିଲ୍ଲାର ଅରଡ଼େଇ ନଦୀ

କେନ୍ଦୁଝର,୪/୦୭ (ନି.ପ୍ର) : ଗଙ୍ଗା ନଦୀର ସଫେଇ ପାଇଁ କେନ୍ଦ୍ର ସରକାର ନମାମୀ ଗଙ୍ଗେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯମୁନା ନଦୀକୁ ପରିଷ୍କାର ପରିଚ୍ଛନ୍ନ ପାଇଁ ବି ଏକାଧିକ ଯୋଜନା ହାତକୁ ନିଆଯାଇଛି। କିନ୍ତୁ ଯେଉଁ ନଦୀର ଜଳ ବ୍ୟବହାର ଯୋଗ୍ୟ ଅଛି ସେଥିରେ ସହରସାରାର ବର୍ଜ୍ୟ ପକାଇ ଅପମୃତ୍ୟୁ ପାଇଁ ଅପେକ୍ଷା କରାଯାଉଛି। କେନ୍ଦୁଝର ଜିଲ୍ଲାର ଅରଡ଼େଇ ନଦୀ ଏହାର ଅନ୍ୟତମ ଉଦାହରଣ। କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀ ପରେ ଅନ୍ୟତମ ପ୍ରମୁଖ ନଦୀ ହେଉଛି ଅରଡ଼େଇ। ଏହି ନଦୀ ବାଂଶପାଳ ବ୍ଲକର ବାରହାରାଣି ପାହାଡ଼ରୁ ବାହାରି କେନ୍ଦୁଝର, ଝୁମ୍ପୁରା ବ୍ଲକ୍ ଅତିକ୍ରମ କରି ଚମ୍ପୁଆ ବ୍ଲକ୍‌ର ସରେଇଠାରେ ବୈତରଣୀରେ ମିଶିଛି। ଅରଡ଼େଇ ନଦୀର ଜଳ ଉପରମୁଣ୍ଡରେ ଚାଷଜମିକୁ ଜଳସେଚନ ସାଙ୍ଗକୁ ନଈକୂଳିଆ ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ସହାୟକ ହେଉଛି। ତେବେ କେନ୍ଦୁଝର ସହରର ଆବର୍ଜନା ଏବଂ ଡ୍ରେନର ଅପରିଷ୍କାର ପାଣି ନଦୀରେ ମିଶିବା ଏହା ପୋତି ହେବା ସହିତ ଜଳ ବିଷାକ୍ତ ହେବାରେ ଲାଗିଛି।

କେନ୍ଦୁଝର ସହର ଦେଇ ଯାଇଥିବା ଏହି ନଦୀ କୂଳରେ ଗୋବିନ୍ଦପୁର, ଚକ, ମଣ୍ଡୁଆ, କାଶିପୁର ଭଳି ଏକାଧିକ ଗାଁ ରହିଛି। କେନ୍ଦୁଝର ସହରର ଡ୍ରେନ ପାଣି, ପାଇଖାନା ଆବର୍ଜନା ସହିତ ସହରର ଅନ୍ୟ ବର୍ଜ୍ୟବସ୍ତୁ ସିଧା ସଳଖ ଯାଇ ଡ୍ରେନ ଯୋଗେ ଏହି ଅରଡେଇ ନଦୀରେ ମିଶୁଥିବାରୁ ନଈକୂଳିଆ ଲୋକେ ପ୍ରଭାବିତ ହେଉଛନ୍ତି। ଅରଡ଼େଇ ନଦୀରେ ସହରର ଆବର୍ଜନା ମିଶିବା ରୋକିବା ପାଇଁ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ୨୦୧୭ ଅକ୍ଟୋବରରେ ସ୍ଥାୟୀ ଲୋକ ଅଦାଲତରେ ଅଭିଯୋଗ ପରେ ତନାଘନା ହୋଇଥିଲା। ନାଗରିକ ମଞ୍ଚ ପକ୍ଷରୁ ଦର୍ଶାଯାଇଥିଲା ଯେ, କେନ୍ଦୁଝର ସହରର ଭୌଗୋଳିକ ସ୍ଥିତି ଅନୁସାରେ ସହରର ପଶ୍ଚିମ ଦିଗରେ ପାହାଡ଼ ଥିବା ବେଳେ ପୂର୍ବ ଦିଗରେ ନଦୀ ଅବସ୍ଥିତ। ଏହାକୁ ଲକ୍ଷ୍ୟ କରି ସହରରେ ଡ୍ରେନ ନିର୍ମାଣ କରାଯିବା କଥା। ଏହା ହୋଇଥିଲେ ସହରର ବର୍ଷା ଜଳ ସ୍ୱାଭାବିକ ଭାବେ ପହାଡିଆ ଅଂଚଳରୁ ଡ୍ରେନ ଯୋଗ ଖସି ଯିବାରେ କୌଣସି ସମାସ୍ୟା ନ ଥାନ୍ତା। ମାତ୍ର ଏଭଳି ଭୌଗୋଳିକ ସ୍ଥିତିକୁ ନଜର ନ ଦେଇ ଉତ୍ତର-ଦକ୍ଷିଣ ଦିଗ ଅନୁସାରେ ସହରର ଡ୍ରେନ ନିର୍ମାଣ କରାଯାଇଥିଲା। ଅପରପକ୍ଷରେ ସହରରେ ଯେଉଁ ଡ୍ରେନ କରାଯାଇଛି, ସେଥିରେ ଆବର୍ଜନା ପାଣି ଯାଇ ଅରଡ଼େଇ ନଦୀରେ ମିଶୁଛି। ଏଥିରେ ପ୍ଲାଷ୍ଟିକ ଆବର୍ଜନାଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ରସାୟନିକ ଆବର୍ଜନା ଏବଂ ପାଇଖାନା ଆବର୍ଜନା ମଧ୍ୟ ସିଧାସଳଖ ଏହି ଡ୍ରେନ ଯୋଗେ ଯାଇ ଅରଡ଼େଇ ନଦୀରେ ମିଶୁଛି। ଏହାଦ୍ୱାରା ନଦୀ ଜଳ ସଂପୂର୍ଣ୍ଣ ବିଷାକ୍ତ ହେବା ସହ ଅନେକ ସ୍ଥାନରେ ଆବର୍ଜନା ଜମି ନଦୀ ସଂକୁଚିତ ହେବାରେ ଲାଗିଛି। ଅରଡ଼େଇକୁ ପ୍ରଦୂଷଣ ମୁକ୍ତ ପାଇଁ ସ୍ଥାୟୀ ଲୋକ ଅଦାଲତ ପୌର ପ୍ରଶାସନକୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେବା ସହ ଆବର୍ଜନା ନଦୀରେ ନଛାଡିବା ପାଇଁ କହିଥିଲେ। ହେଲେ ଏହି ନିର୍ଦ୍ଦେଶକୁ ପ୍ରଶାସନ ଅଣଦେଖା କରିଥିଲା। ସ୍ଥାୟୀ ଲୋକ ଅଦାଲତର ନିର୍ଦ୍ଦେଶ ପ୍ରଶାସନ ନମାନିବାରୁ ସିଭିଲ କୋର୍ଟରେ ମଧ୍ୟ ମାମଲା ନଂ-୧୩୬/୨୦୧୯ ରୁଜୁ ହୋଇଥିଲା। କିନ୍ତୁ କୌଣସି ସୁଫଳ ମିଳୁନି। ଉପରମୁଣ୍ଡରେ ପୋଡୁ ଚାଷ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଜଳବାୟୁ ପରିବର୍ତ୍ତନ କାରଣରୁ କମ୍ ବର୍ଷା ହେଉଛି। ଅଧିକାଂଶ ସମୟ ଅରଡେଇ ଶୁଖିଲା ପଡୁଛି। ଏଭଳି ସ୍ଥଳେ ଯେଉଁ କିଛି ସ୍ଥାନରେ ଏହାର ଜଳ ସ୍ରୋତ ସ୍ୱାଭାବିକ ରହିଛି, ସେଥିରେ ଆବର୍ଜନା ମିଶୁଛି। ଏଭଳି ସ୍ଥିତି ହୋଇଛି ଯେ, ସତେ ଯେମିତି ଅରଡ଼େଇକୁ ମାରିବାକୁ ଚକ୍ରାନ୍ତ ଚାଲିଛି।

# ଭୁବନେଶ୍ୱରରେ ଖୋଲିଲା ୨୫ଟି କୋଭିଡ୍ ଟେଷ୍ଟିଂ ସେଂଟର

ଭୁବନେଶ୍ୱର ,୪/୦୭ (ନି.ପ୍ର) : କରୋନା ସଂକ୍ରମଣ ରୋକିବାକୁ ରାଜଧାନୀ ଭୁବନେଶ୍ୱରରେ ଟେଷ୍ଟିଂ ଓ ଟ୍ରାକିଂକୁ ଜୋରଦାର କରାଯାଇଛି। ଭୁବନେଶ୍ୱରରେ ୨୫ଟି ୟୁପିଏଚସି/ୟୁସିଏଚସିରେ କୋଭିଡ୍ ଟେଷ୍ଟ ବ୍ୟବସ୍ଥା କରାଯାଇଛି। ସକାଳ ୯ଟାରୁ ୧୧ଟା ୩୦ ଓ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଟେଷ୍ଟ କରାଯିବ। କ୍ୟାପିଟାଲ ହସ୍ପିଟାଲ୍‌ରେ ସକାଳ ୮ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟେଷ୍ଟିଂ କରାଯିବ। ଲୋକେ ବିନାମୂଲ୍ୟରେ ଏହାର ସୁବିଧା ନେଇପାରିବେ। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ ରକି ଏହି ସୂଚନା ଦିଆଯାଇଛି। ଏହା ବ୍ୟତୀତ କରୋନା ସଂକ୍ରମଣ ସମେତ ଯେକୌଣସି ଅଭିଯୋଗ ଦେବା ନିମନ୍ତେ ବିଏମସି ପକ୍ଷରୁ ୨୪ ଘଂଟିଆ ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି।

## ବଡ଼ଭାଇର ଠେଙ୍ଗା ମାଡ଼ରେ ସାନଭାଇ ଗୁରୁତର

ନୀଳଗିରି, ୦୪/୦୭ (ନି.ପ୍ର): ନୀଳଗିରି ଥାନା ଅଧିନସ୍ଥ ରିପୁର ଗ୍ରାମର ସ୍ୱାମୀ ସ୍ତ୍ରୀ ଝଗଡ଼ା ଲାଗିଥିବା ବେଳେ ହଠାତ୍ ଉତ୍କ୍ଷିପ୍ତ ହୋଇ ତାର ବଡ଼ଭାଇ ଏକ ଠେଙ୍ଗାରେ ସାନ ଭାଇର ମୁଣ୍ଡକୁ ପିଟି ଗୁରୁତର କରି ପକାଇଥିବା ବେଳେ ଏବେ ନୀଳଗିରି ମେଡିକାଲରେ ଚିକିତ୍ସାଧୀନ । ପ୍ରାପ୍ତ ସୂଚନା ଅନୁସାରେ ଉକ୍ତ ଗ୍ରାମର ସମା ସିଂ ଓ ତାର ସ୍ତ୍ରୀ ମାମି ସିଂ ପରିବାର କଥାକୁ ନେଇ ସକାଳ ପ୍ରାୟ ୯ଘ. ସମୟରେ ପାଟିତୁଣ୍ଡ ଲାଗିଥିବା ବେଳେ ସମା ସିଂର ବଡ଼ଭାଇ ବାଇଧର ସିଂ ସମେତ ବାସନ୍ତୀ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ଏକତ୍ରିତ ହୋଇ ଆମ୍ଭ ସ୍ୱାମୀ, ସ୍ତ୍ରୀକୁ ଗାଳିଗୁଲୋଜ କରିବା ସହ ବିନା କାରଣରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ପିଟାମରା କରିଥିଲେ ବୋଲି ମାମା ସିଂ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ବାଇଧର ସିଂ ଏକ ଠେଙ୍ଗାରେ ନିଜ ସାନଭାଇ ସମା ସିଂ ମୁଣ୍ଡରେ ବାଡ଼େଇବାରୁ ଗୁରୁତର ହୋଇ ପଡ଼ିଥିଲା । ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ନୀଳଗିରି ମେଡିକାଲରେ ଭର୍ତି କରାଯାଇଛି ।

## ସମ୍ବଲପୁର ରେଳ ମଣ୍ଡଳରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୦ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଟିଟିଲାଗଡ ଓ ସିକିରି ମଧ୍ୟରେ ଦୋହରୀକରଣ କାର୍ଯ୍ୟ ଏବଂ କେସିଙ୍ଗା ଷ୍ଟେସନ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟକ୍ଷମ ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି । ପ୍ରକଳ୍ପର କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ସମ୍ବଲପୁର ରେଳ ମଣ୍ଡଳରେ କିଛି ଟ୍ରେନ୍ ବାତିଲ୍, ମାର୍ଗ ପରିବର୍ତ୍ତନ ଏବଂ ଆଂଶିକ ବାତିଲ୍ କରାଯାଇଛି । ଏଥିପାଇଁ ୧୦ ଟି ଟ୍ରେନ୍ ସାମୟିକ ବାତିଲ୍ ହେବାକୁ ଥିବା ବେଳେ ୬ ଟି ଟ୍ରେନ୍ ପରିବର୍ତ୍ତିତ ମାର୍ଗ ଦେଇ ଯିବ । ସେହିପରି ୨ ଟି ଟ୍ରେନ୍ ଆଂଶିକ ବାତିଲ ରହିବ ।

# ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ଜିଲ୍ଲା ବୈଠକ



ଭଦ୍ରକ, ୦୪/୦୭ (ନି.ପ୍ର): ବିଜୁ ଶ୍ରମିକ ସାମୁଖ୍ୟ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ଜିଲ୍ଲାସ୍ତରୀୟ ବୈଠକ ଭଦ୍ରକ ଗାନ୍ଧିପଡ଼ିଆସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅଲ ଓଡ଼ିଶା ଅଙ୍ଗନୱାଡୀ କର୍ମୀ ଓ ସହାୟିକା ସାମ୍ମୁଖ୍ୟର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ସଭାନେତ୍ରୀ ସୌଭାଗ୍ୟ ମଞ୍ଜରୀ କରଣ ଓ ସାଧାରଣ ସମ୍ପାଦିକା ନନ୍ଦିତା ଦତ୍ତ ଓ ବିଜୁଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ବିଶ୍ୱଜିତ୍ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ଅଙ୍ଗନୱାଡ଼ି କର୍ମୀମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସାମୁଖ୍ୟ ଅବିରତ କାର୍ଯ୍ୟ କରୁଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । କର୍ମୀମାନଙ୍କର ଦରମା ଭତ୍ତା ଓ ପ୍ରମୋସନ ବିଷୟରେ ରାଜ୍ୟସରକାରଙ୍କର ପ୍ରମୁଖ କମିଶନର ଓ ସଚିବଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ଏହାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିବାର ପ୍ରକାଶ କରିଥିଲେ । ବିଜୁଶ୍ରମିକ ସାମୁଖ୍ୟ ଓ ଅଙ୍ଗନୱାଡ଼ୀ କର୍ମୀ ସାମ୍ମୁଖ୍ୟ ଆଜି ସମଗ୍ର ଓଡ଼ିଶାରେ ଥିବା ଜିଲ୍ଲା ଓ ବ୍ଲକ ସ୍ତରରେ କାର୍ଯ୍ୟ କରୁଛନ୍ତି ଓ ସଙ୍ଗଠନ ବହୁ ସମସ୍ୟାର ସମାଧାନ ପାଇଁ ରାଜ୍ୟସରକାରଙ୍କୁ ଅବଗତ କରାଇବା ସହ ସମସ୍ୟାର ସମାଧାନ କରାଯାଉଛି ବୋଲି ବିଶ୍ୱଜିତ୍ ବେହେରା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସାମ୍ମୁଖ୍ୟର ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ଶତାଧିକ ସକ୍ରିୟ କର୍ମୀମାନେ ଯୋଗ ଦେଇଥିଲେ । ଭଦ୍ରକ ଜିଲ୍ଲା ସାମ୍ମୁଖ୍ୟର ସଂପାଦକ କୌଶଲ୍ୟା ରାଉତ ବାସୁଦେବପୁର ବ୍ଲକର ସଭାନେତ୍ରୀ ପ୍ରମିଳା ପାଢ଼ୀ, ଚାନ୍ଦବାଲିର ସ୍ୱର୍ଣ୍ଣପ୍ରଭା ମହାଳିକ, ଶକୁନ୍ତଳା ରାଉତ, ମତୋ ଜୋନୁ ରତୁପୂର୍ଣ୍ଣା ନାୟକ, ସୁପଭ୍ରା ରାଉତ, ବନ୍ତରୁ ପୂର୍ବପ୍ରଭା ମହାପାତ୍ର, ଭଦ୍ରକ ବ୍ଲକରୁ ରେଶମା ଖାତୁନ୍, ମଞ୍ଜୁଲତା ବାରିକ, ଆରତି ଜେନା, ସବିତା ରାଉତ, ବିଦ୍ୟୁତଲତା ସୂତାର ପ୍ରମୁଖ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ । ଜିଲ୍ଲାର ଅନ୍ୟତମ ନେତ୍ରୀ ପୁଷ୍ପିତା ମହାନ୍ତି ମଞ୍ଚାସିନ ଅତିଥି ଓ ଯୋଗଦେଇଥିବା ସମସ୍ତ ସଦସ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଷାକ୍ତ ସାପ କାମୁଡାରେ ନାବାଳିକାର ମୃତ୍ୟୁ



ବସ୍ତା,୦୪/୦୭ (ନି.ପ୍ର): ସୂଚନା ଅନୁସାରେ ମଛଡିହା ଗ୍ରାମ ର ଉମେଶ ଚନ୍ଦ୍ର ବାରିକ ଙ୍କ ଆଠ ବର୍ଷ ର ଝିଅ ଜ୍ୟୋତିପ୍ରଜ୍ଞା ବାରିକ ସକାଳ ସମୟରେ ଘରବାଡ଼ି ରେ ବୁଲୁଥିବା ବେଳେ ବିଷାକ୍ତ ସାପ କାମୁଡି ଥିଲା । ପରିବାର ଲୋକେ ଜାଣିପାରି ତୁରନ୍ତ ବସ୍ତା ଡ଼ାକ୍ତରଖାନା କୁ ନେଇ ଆସିଥିଲେ, ହେଲେ ଡାକ୍ତର ଗୁରୁତର ଥିବା ଜାଣି ତୁରନ୍ତ ବାଲେଶ୍ୱର ମେଡିକାଲ ପଠାଇଥିଲେ । ବାଲେଶ୍ୱର ମେଡିକାଲ ରେ ଏକ ଘଣ୍ଟା ର ଚିକିତ୍ସା ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ କଟକ ନେଉଥିବା ସମୟରେ ରାସ୍ତା ରେ କୁନି ଝିଅ ମୃତ୍ୟୁ ବରଣ କରିଥିଲେ । ତାଙ୍କର ମୃତ୍ୟୁ ରେ ଗ୍ରାମ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ମୃତ ଝିଅକୁ ବସ୍ତା ଡ଼ାକ୍ତରଖାନାରେ ରଖାଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି ।

## ପାନୀୟ ଜଳ ଆମ ୱାର୍ଡ଼ର ମୁଖ୍ୟ ସମସ୍ୟା : ଲକ୍ଷ୍ମୀ ପାତ୍ର



ଉଦଳା, ୦୪/୦୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମପଞ୍ଚାୟତର ୱାର୍ଡ଼ ନଂ-୭ରେ ପିଇବା ପାଣିର ଉତ୍କଟ ଅଭାବ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସ୍ଥାନୀୟ ୱାର୍ଡ଼ ମେମ୍ବର ଲକ୍ଷ୍ମୀପାତ୍ର ଜଣାଇଛନ୍ତି । ଆଜି ଜୁଲାଇ ୪ ତାରିଖ ସୋମବାର ଦିନ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ସଦସ୍ୟ ହରିପ୍ରୀୟା ଦାସ, ଲାଲ ମୋହନ ବିନ୍ଧାଣୀ, ରାମାଇ ମୁର୍ମୁ ଓ ସୁବ୍ରତ କୁମାର ମହାନ୍ତି ଉକ୍ତ ଗ୍ରାମକୁ ଆସି ଲୋକଙ୍କ ସମସ୍ୟା ପଚାରି ବୁଝୁଥିବା ସମୟରେ ଗ୍ରାମବାସୀଙ୍କ ଗହଣରେ ଉପସ୍ଥିତ ଥିବା ୱାର୍ଡ଼ ମେମ୍ବର ଲକ୍ଷ୍ମୀ ଗ୍ରାମର ବିଭିନ୍ନ ସମସ୍ୟା ମଧ୍ୟରେ ପିଇବା ପାଣିର ଉତ୍କଟ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ସରକାରଙ୍କ ତରଫରୁ ଉକ୍ତ ୱାର୍ଡ଼ ବାସିନ୍ଦାଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ ଖୋଳା ଯାଇଥିଲା । ଏହା ଉପରେ ୱାର୍ଡ଼ର ପ୍ରାୟ ୬୦୦ରୁ ଉର୍ଦ୍ଧ ଲୋକ ନିର୍ଭର କରୁଥିଲେ । ମାତ୍ର କିଛିଦିନ ପୂର୍ବରୁ ଉକ୍ତ ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ଫଳରେ ଏବେ ଲୋକେ ବାଧ ହୋଇ ଏଠାରୁ ୧ କିମି ଦୂରରେ ଥିବା ଏକ ବିଦ୍ୟାଳୟର ନଳକୂପ ଉପରେ ନିର୍ଭର କରୁଛନ୍ତି । ଏଥିପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରକ୍ତ ହେଉଥିବାର କଥା ଗ୍ରାମବାସୀ ମାନେ କହିଛନ୍ତି । ଏ ବାବଦରେ ସରପଞ୍ଚଙ୍କ ନିକଟରେ ବାରମ୍ବାର ଗୁହାରୀ ଜଣାଇଲେ ମଧ କିଛି ସୁଫଳ ମିଳୁନଥିବାର କଥା ୱାର୍ଡ଼ ମେମ୍ବର କହିଛନ୍ତି ।

## ମତ୍ସ୍ୟ ଓ କଚ୍ଛପ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

ନୀଳଗିରି,୦୪/୦୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଦୁଇଦିନ ଘୋଷଯାତ୍ରା ପରେ ରବିବାର ଦିନ ନିଜର ଜନ୍ମବେଦୀକୁ ଯାଇଛନ୍ତି । ସୋମବାର ଠାରୁ ଶୁକ୍ରବାର ୫ଦିନ ଧରି ମହାପ୍ରଭୁ ୧୦ଅବତାର ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ସୋମବାର ସନ୍ଧ୍ୟାରେ ମହାପ୍ରଭୁ ଜଗନ୍ନାଥ ମତ୍ସ୍ୟ ବେଶରେ ଓ ବଡ଼ଭାଇ ବଳଭଦ୍ର କଚ୍ଛପ ବେଶରେ ହଜାର ହଜାର ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି । ମହାପ୍ରଭୁଙ୍କର ଆଜିର ୧ମ ସନ୍ଧ୍ୟାରେ ବେଶକୁ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ପୋଲିସ ପକ୍ଷରୁ ଲମ୍ବା ଲାଇନ କରାଯାଇ ଭକ୍ତମାନଙ୍କୁ ଦର୍ଶନ ପାଇଁ ଛଡ଼ା ଯାଇଥିବାର ଦେଖିବାକୁ ମିଳିଛି । ସନ୍ଧ୍ୟା ୭ଟାରେ ଜନ୍ମବେଦୀର ଦ୍ୱାରା ଖୋଲିବା ପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।

## ଗୋଟିଏ ଦିନରେ ୨୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୦୭୮୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୪୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୦୧୧୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୯୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୪୩ ଜଣ ସଂଗରୋଧରୁ ଓ ୧୦୨ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗୀର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୩୮. ଜଗତସିଂହପୁର ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୪ ଝାରସୁଗୁଡାରେ ଜିଲ୍ଲାରେ ୪. କଳାହାଣ୍ଡି ଜିଲ୍ଲାରେ ୧, କେନ୍ଦ୍ରାପଡା ଜିଲ୍ଲାରେ ୨,ଖୋର୍ଧା ଜିଲ୍ଲାରେ ୧୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ୧. ମୟୁରଭଂଜ ଜିଲ୍ଲାରେ ୭, ନୟାଗଡ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମିଳିତ ଜନାଭିଯୋଗ ଶୁଣାଣି ଶିବିର : ୯୭ ଅଭିଯୋଗ

ଭଦ୍ରକ, ୦୪/୦୭ (ନି.ପ୍ର): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୯୭ଟି ଅଭିଯୋଗର ଶୁଣାଣି କରିଥିଲେ । ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଏସ୍.ପି ବିଜୟ ରଞ୍ଜନ କେରକେଟା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ଏହି ଶିବିରରେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ମଣ୍ଡଳ ଅଭିଯୋଗ ଉପସ୍ଥାପନା କାର୍ଯ୍ୟ କରିଚାଳନା କରିଥିଲେ । ସମୁଦାୟ ଅଭିଯୋଗ ମଧ୍ୟରେ ୮୬ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବା ବେଳେ ୧୦ଟି ସାମୁହିକ ସମସ୍ୟା ମୂଳକ ଏବଂ ଗୋଟିଏ ରେଡ଼କ୍ରସ ସମ୍ବନ୍ଧୀୟ ଥିଲା । ଚିକିତ୍ସା ସହାୟତା ନେଇ ଜଣଙ୍କୁ ରେଡ଼କ୍ରସ୍‌ରୁ ୩ ହଜାର ଟଙ୍କା ଓ ଅନ୍ୟଜଣଙ୍କୁ ସି.ଏମ୍.ଆର୍.ଏଫ୍. ରୁ ୫ ହଜାର ଟଙ୍କା ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି । ସାମାଜିକ ସୁରକ୍ଷା ଯୋଜନାରେ ୧୭ଜଣ ଦିବ୍ୟାଙ୍ଗଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । ୩ଜଣଙ୍କୁ କୃତ୍ରିମ ଅବୟବ, ୩ଜଣ ମାନସିକ ଅକ୍ଷମତା ପିଲାଙ୍କୁ ଆବଶ୍ୟକୀୟ କିଟ୍, ୩ଜଣଙ୍କୁ ଶ୍ରବଣ ଯନ୍ତ୍ର, ଯୁକ୍ତ ଦୁଇ ରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତାର ୨ ଜଣ ଦୃଷ୍ଟି ବାଧିତ ପିଲାଙ୍କୁ ସ୍ମାର୍ଟ ଫୋନ୍, ୨ ଜଣଙ୍କୁ ସି.ପି. ଚେୟାର ଏବଂ ୱାକର, ୧ଜଣ ଦୃଷ୍ଟି ବାଧିତଙ୍କୁ ଉପଯୋଗୀ ଖେଳନା ଓ ୩ ଜଣଙ୍କୁ ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ କୃତ୍ରିମ ଅବୟବ ବଣ୍ଟନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ସହାୟତା, ଜମିଜମା ଜବର ଦଖଲ, ଧାମରା ବନ୍ଦରରେ ନିଯୁକ୍ତି, ବିଦ୍ୟୁତ ଉପଭୋକ୍ତାଙ୍କ ଜୋରିମାନା ଅର୍ଥର ହ୍ରାସ କରାଯିବା, ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ, ରେସନ୍ କାର୍ଡ଼ ଥାଇ ରେସନ ସାମଗ୍ରୀ ନମିଳିବା, ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ବିଧବା ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ଆଦି ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଆଦି ବିଭାଗ ସମ୍ବନ୍ଧୀୟ ଆଗତ ସବୁ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ଅତିରିକ୍ତ ଜିଲ୍ଲା ଶିବିରରେ ଉପସ୍ଥିତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପରବର୍ତ୍ତୀ ଜନଶୁଣାଣୀ ଶିବିର ଆସନ୍ତା ୧୧ ତାରିଖ ସୋମବାର ଦିନ ଧାମନଗର ବ୍ଲକରେ ଅନୁଷ୍ଠିତ ହେବ ।

# ପୌରକାର୍ଯ୍ୟାଳୟ ସମ୍ମୁଖରେ ନହଞ୍ଜରା ଗ୍ରାମବାସୀଙ୍କ ଗଣଧାରଣା



ଜଳେଶ୍ୱର, ୦୪/୭(ନି.ପ୍ର) : ଜଳେଶ୍ୱର ପୌରପରିଷଦର ୧୫ନଂ ୱାର୍ଡରେ ଜାଗା ମିଶନରେ ପୁନଃବସତି ସ୍ଥାପନକୁ ଗ୍ରାମବାସୀମାନେ ବିରୋଧ କରି ଆସୁଥିବାରୁ ଆଜି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି । ରାଜ୍ୟ ସରକାର ପୁନଃବସତି ଯୋଜନାରେ ଜଳେଶ୍ୱର ପୌରପରିଷଦର ଉଦ୍‌ବାସ୍ତୁ ହେବାକୁ ଥିବା ପ୍ରାୟ ୩୬୭ ପରିବାରକୁ ନହଞ୍ଜରା ଗ୍ରାମର ଖାତା ନଂ ୩୪୩, ପ୍ଲଟ ନଂ ୩୭୫ ଉନ୍ନତ ଯୋଜନାରେ ଥିବା ୧୧ଏକର୮୦ଡିସିମିଲ ସ୍ଥାନରେ ବସ୍ତି ସ୍ଥାପନ ସ୍ଥିର କରାଯାଇଛି । କିନ୍ତୁ ବିଭିନ୍ନ ସ୍ଥାନରୁ ଲୋକେ ଆସୁଥିବାରୁ ନହଞ୍ଜରା ଗ୍ରାମରେ ଶାନ୍ତିଶୃଙ୍ଖଳା ବ୍ୟାହତ, ଚୋରୀ, ଡକାୟତି, ମାଦକଦ୍ରବ୍ୟ କାରବାର ଇତ୍ୟାଦି ବୃଦ୍ଧି ଆଶଙ୍କା କରି ଗ୍ରାମବାସୀମାନେ ବିରୋଧ କରି ଆସୁଥିବା ପ୍ରକାଶ କରି ଆସୁଛନ୍ତି । ଉପରୋକ୍ତ ସରକାରୀ ସ୍ଥାନରେ ବିଦ୍ୟାଳୟର ଖେଳପଡିଆ, ଶ୍ମଶାନ, ଗ୍ରାମ୍ୟ ଖେଳପଡିଆ, ଚଡକଯାତ୍ରା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବାର ଗ୍ରାମର ଦିଲ୍ଲିପ କୁମାର ପରିଡା, ସୁଧିର କୁମାର ଦାସ, ବିରଞ୍ଚିନାରାୟଣ ଭୂୟାଁ, ସମରେନ୍ଦ୍ର ପରିଡା, ରତ୍ନାକର ପାତ୍ର, ହରିପଦ ପାଳ, ବ୍ରଜଗୋପାଳ ଚନ୍ଦ, ନବିନ ଭୂୟାଁ, ଅମୂଲ୍ୟ ଦତ୍ତ, ବିଜୟ ପରିଡା, ହରିନାରାୟଣ ପରିଡା, ଦୁର୍ଗାଶଂକର ଭୂୟାଁ, ସଂଧ୍ୟାରାଣୀ ପାଳ ପ୍ରମୁଖ ବହୁ ବ୍ୟକ୍ତି କହିଛନ୍ତି । କିନ୍ତୁ ପୌରପରିଷଦ ଅଂଚଳରେ ଏପରି ବିସ୍ତିର୍ଣ୍ଣ ଅଂଚଳ ନ ଥିବାରୁ ଶୃଙ୍ଖଳିତ ପୁନଃର୍ବସତି ଅନ୍ୟତ୍ର ଅସମ୍ଭବ ବୋଲି ଆଜି ପୌରନିର୍ବାହୀ ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର କହିଛନ୍ତି । ସରକାରଙ୍କ ନିତି ନିୟମ ଅନୁଯାୟୀ ଏପରି ଯୋଜନା ଏଠାରେ କାର୍ଯ୍ୟକାରୀ ହେବାକୁ ଯାଉଛି ଓ ଏହା ପୂର୍ବରୁ ଗତ ୪-୫-୨୨ରେ ପୌରପରିଷଦ ବୈଠକରେ ଏଥିଲାଗି ଏକ ପ୍ରସ୍ତାବ ଗୃହିତ ହୋଇଛି । ଏଥିରେ ଗ୍ରାମବାସୀଙ୍କ ସହମତି ନ ଥିଲେ ଆସନ୍ତା ବୈଠକରେ ପ୍ରତିନିଧି ଜରିଆରେ ଜଣାଇବାକୁ ପୌର ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ ନହଞ୍ଜରାରେ ଥିବା ୧୧ ଏକର୮୦ଡିସିମିଲ ସ୍ଥାନ ମଧ୍ୟରୁ ପ୍ରାୟ ୫୦ଡିସିମିଲ ଜବର ଦଖଲ କବଳରେ ଥିବା ସଂପର୍କରେ ତହସିଲଦାର ସ୍ମୃତିରଂଜନ ମଲ୍ଲିକ ସୂଚନା ଦେଇଛନ୍ତି । ଆଜି ଅପରାହ୍ନ ସୁଦ୍ଧା ପୌରକାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କର ଗଣଧାରଣ ଅବ୍ୟାହତ ଥିବା ଜଣାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୬ ମାସ ଭିତରେ ଭାଙ୍ଗିବ ସିନ୍ଦେ ....

ହେବ ଯେ ବିଦ୍ରୋହୀ ବିଧାୟକଙ୍କ ମଧ୍ୟରୁ ଅଧିକାଂଶ ନେତା ନିଜର ପ୍ରକୃତ ଦଳକୁ ଫେରିବେ । ଆମ ହାତରେ ଆଉ ୬ ମାସ ସମୟ ଥିବାରୁ ସମସ୍ତେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଅଧିକ ସମୟ ଦିଅନ୍ତୁ ।" ମହାରାଷ୍ଟ୍ରରେ ଶିବସେନା-କଂଗ୍ରେସ-ଏନସିପି ମିଳିତ ଭାବେ ସରକାର ଗଠନ କରିଥିଲେ । କିନ୍ତୁ ଶିବସେନାର ପ୍ରାୟ ୪୦ ଜଣ ବିଧାୟକ ବିଦ୍ରୋହ ଘୋଷଣା କରିବାରୁ ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ବିଦ୍ରୋହ ଘୋଷଣା କରି ସରକାର ଭାଙ୍ଗିବାରେ ସହାୟତା କରିଥିବା ଏକନାଥ ସିନ୍ଦେ ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।

## ଜୁଲାଇ ୬ରେ ମାଟ୍ରିକ୍ ପରୀକ୍ଷାଫଳ....

ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ । ଉଲ୍ଲେଖନୀୟ ଯେ କରୋନା ମହାମାରୀ ଯୋଗୁଁ ୨ବର୍ଷ ପରେ ଏଥର ଅଫଲାଇନରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ଚଳିତ ବର୍ଷ ୩, ୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏପ୍ରିଲ ୨୯ରୁ ମେ ୭ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିଥିଲା । ମଧ୍ୟମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ଗତ ମଇ ମାସ ୨୧ ତାରିଖରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ରେଗୁଲାର ପରୀକ୍ଷା ସହିତ ଏସ୍‌ଓସ୍ ଓ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ ହୋଇଥିଲା । ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା । ଖାତା ଦେଖା ପାଇଁ ୪୮୧ ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପ ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜର ଏଥିରେ ନିୟୋଜିତ ହୋଇଥିଲେ ।

# ଶିକ୍ଷାରେ ଓବିସିଙ୍କୁ ସଂରକ୍ଷଣ ଦାବିରେ ଓବିସି କମିଶନଙ୍କ କାର୍ଯ୍ୟାଳୟ ଘେରିଲା ବିଜେପି

ଭୁବନେଶ୍ୱର,୦୪/୦୭ (ନି.ପ୍ର): ଓଡିଶାରେ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାନଯିବା କାରଣରୁ ଓବିସି ବର୍ଗ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇବା ସୁଯୋଗରୁ ବଂଚିତ ହେଉଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଶାସକ ବିଜେଡିର ପଛୁଆ ବର୍ଗ ବିରୋଧୀ ନୀତିକୁ ବିରୋଧ କରି ଆଜି ରାଜ୍ୟ ଓବିସି କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଛାତ୍ର ସାମୁଖ୍ୟ ତରଫରୁ ଧାରଣା ଦିଆଯାଇଛି । ଶିକ୍ଷା କ୍ଷେତ୍ରରେ ଆଡ୍‌ମିଶନ ପାଇଁ ଓବିସି ବର୍ଗଙ୍କୁ ରାଜ୍ୟ ସରକାର ସଂରକ୍ଷଣ ନଦେବା ପର୍ଯ୍ୟନ୍ତ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ତରଫରୁ ଆନ୍ଦୋଳନ କରାଯିବ ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । କ୍ରମାଗତ ଭାବେ ରାଜ୍ୟର ଓବିସି ବର୍ଗଙ୍କୁ ଶାସକ ବିଜେଡି ଉପେକ୍ଷା କରିଆସୁଛି । ଓବିସି ବର୍ଗଙ୍କ ସାମ୍ବିଧାନିକ ହକ୍ ପାଇଁ ଏହି ଆନ୍ଦୋଳନକୁ ତୀବ୍ର ରୂପ କରାଯିବା ସହିତ ଆଗାମୀ ଦିନରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆନ୍ଦୋଳନ ଏବଂ ଧାରଣ ପ୍ରଦର୍ଶନ କରାଯିବ । ଧାରଣସ୍ଥଳକୁ ବିଧାୟକ ନାଉରୀ ନାୟକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଡ.ମୁକେଶ ମହାଲିଙ୍ଗ, ଇଂ.ଗଣେଶରାମ ଖୁଂଟିଆ ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହିତ ଏହି ପ୍ରସଙ୍ଗକୁ ବିଧାନସଭାରେ ଆଲୋଚନା କରାଯିବ ବୋଲି କହିଛନ୍ତି । ଏହି ଧାରଣାରେ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳଙ୍କ ସମେତ ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ସଂପାଦକ ସିଦ୍ଧାର୍ଥ ଶଂକର ପତି, ସଂଗ୍ରାମ ନାୟକ, ପ୍ରଶାନ୍ତ ନାୟକ, ସୁଶାନ୍ତ ଜେନା, ଉପେନ୍ଦ୍ର ଭଂଜ, ସୌମ୍ୟରଂଜନ ଓଝା, ଜିତେନ୍ଦ୍ର ନାୟକ, ଅମିତେଶ ବେହେରା, ଚନ୍ଦନ ରଣାଙ୍କ ସମେତ ବହୁ କାର୍ଯ୍ୟକର୍ତା, ଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ ।

# ୨୫ତମ ଓଡ଼ିଶା ନଲେଜ୍ ହବ୍ ଲେକ୍‌ଚର ସିରିଜ୍ ଅନୁଷ୍ଠିତ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ଦୁଇଥର ଗ୍ରାମୀ ପୁରସ୍କାରପ୍ରାପ୍ତ ଭାରତୀୟ ସଂଗୀତ ରଚନା ତଥା ପରିବେଶବିଦ୍ ଡକ୍ଟର ରିକି ଜି. କେଜ ପରିବେଶ ତଥା ନିରନ୍ତରତା ଉପରେ ପିଲାମାନଙ୍କ ପାଇଁ ସଂଗୀତ-'ମାଇଁ ଆର୍ଥ ସଙ୍ଗସ୍' ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜି ଓଡ଼ିଶା ଲୋକାସେବା ଭବନର ସମ୍ମିଳନୀ କକ୍ଷରେ ୨୫ତମ ଓଡିଶା ନଲେଜ୍ ହବ୍ ଲେକଚ୍‌ର ସିରିଜ୍ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ, ୨୦୧୬ ଠାରୁ ବିଭିନ୍ନ କ୍ଷେତ୍ରରେ ନୂତନ ତଥା ଉଦୀୟମାନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାର ଓଡ଼ିଶା ନଲେଜ୍ ହବ୍ (ଓକେଏଚ୍) ଲେକଚର ସିରିଜ୍ ଆୟୋଜନ କରିଆସୁଛନ୍ତି । ଡ. କେଜ ଓଡିଶାର ସୌନ୍ଦର୍ଯ୍ୟ ଏବଂ ମହାନତାକୁ ପ୍ରଶଂସା କରିଥିଲେ ଏବଂ ତାଙ୍କର ସଂଗୀତ କ୍ୟାରିୟରର ଯାତ୍ରା ଏବଂ ତାଙ୍କ ସଙ୍ଗୀତ ପ୍ରକୃତି ସହିତ କିପରି ଜଡିତ ସେ ବିଷୟରେ ବର୍ଣ୍ଣନା କରିଥିଲେ । ଜଣେ ପରିବେଶବିଦ୍ ଭାବରେ ବନ୍ୟଜନ୍ତୁ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ଦିଗରେ ସେ ଉଦ୍ୟମ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ଉପରେ ସେ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ । ସେ କିରିବାଟି ଦ୍ୱୀପ ଦେଶର ଉଦାହରଣ ଦେଇ କହିଥିଲେ ଯେ ବର୍ତ୍ତମାନର କାର୍ବନ ନିର୍ଗମନର ଗତି ସ୍ଥିର ନହେଲେ ଏବଂ ସମୁଦ୍ର ପତ୍ତନ ବଢ଼ିବାରେ ଅଙ୍କୁଶ ନଲାଗିଲେ ଏହା ପ୍ରଥମ ଦେଶ ଭାବେ ଜଳମଗ୍ନ ହେବାର ସମ୍ଭାବନା ରହିଛି । ସେ କହିଥିଲେ ଯେ ସଂଗୀତ ଲୋକମାନଙ୍କର ଭାବପ୍ରବଣତାକୁ ସ୍ପର୍ଶ କରେ । ବିଶେଷକରି, ଯୁବକ ଏବଂ ଭାବପ୍ରବଣ ମନକୁ ଆନ୍ଦୋଳିତ କରେ ଏବଂ ସମସ୍ତ ଜୀବଙ୍କ ପ୍ରତି ସେମାନଙ୍କର ମନୋଭାବରେ ପରିବର୍ତ୍ତନ ଆଣେ । ତଦନୁସାରେ, ସେ ନିଜ ଜୀବନକୁ କେବଳ ଜଳବାୟୁ ପରିବର୍ତ୍ତନ, ପରିବେଶ ସଂରକ୍ଷଣ, ସ୍ଥାୟୀ ଏବଂ ଦାୟିତ୍ୱସଂପନ୍ନ ବିକାଶ ବିଷୟରେ ସଚେତନତା ନିମନ୍ତେ କାର୍ଯ୍ୟ କରିବା ପାଇଁ ଉତ୍ସର୍ଗ କରିଛନ୍ତି ।

# ଶିକ୍ଷକ ସମାଜ ତରଫରୁ ନୀଳିମା ବାରିକଙ୍କୁ ଶ୍ରଦ୍ଧାଂଜଳି



ବାରିପଦା, ୦୪/୦୭ (ନି.ପ୍ର): ଶିକ୍ଷକ ସମାଜ ତରଫରୁ ସ୍ଥାନୀୟ ଏମକେସି ଉଚ୍ଚ ବିଦ୍ୟାଳୟ ପରିସରରେ ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନୀଳିମା ବାରିକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ଶିକ୍ଷକ ସମାଜର ସଭାପତି ଡ଼ଃ ସରୋଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଂଜଳି ସଭାରେ ଏମକେସି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ପୃଷ୍ଠପୋଷକ ସଦସ୍ୟ ଅମିତାଭ ମିଶ୍ର, ଶିକ୍ଷକ ଅମୂଲ୍ୟ କୁମ୍ଭକାର, ମନୋଜ କୁମାର ପରିଡା, ଉପେନ୍ଦ୍ର ନାଥ ବେହେରା ପ୍ରମୁଖ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟ ଓ ଏମପିକେ ଉଚ୍ଚ ବିଦ୍ୟାଳୟ ରେ ତାଙ୍କର କାର୍ଯ୍ୟ ଦକ୍ଷତା ସବୁଦିନ ପାଇଁ ଯୁବ ପିଢ଼ୀର ଶିକ୍ଷକ ଶିକ୍ଷୟିତ୍ରୀ ଗଣଙ୍କୁ ପ୍ରେରଣା ଦେବ ବୋଲି ମତ ପ୍ରକାଶ ପାଇଥିଲା ।

# ସାମ୍ବାଦିକ ମାନଙ୍କୁ ଅଣଦେଖା ମତେ ଆଘାତ ଦେଇଛି : ସନ୍ତୋଷ ବେହେରା



ଉଦଳା, ୦୪/୦୭ (ନି.ପ୍ର): ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ପ୍ରତି ମାସ ଭତ୍ତା ପ୍ରଦାନ କରାଯାଉ ବୋଲି ସୁନାମଧନ୍ୟ ମଞ୍ଚ ଅଭିନେତା ସନ୍ତୋଷ ବେହେରା ଦାବୀ ଜଣାଇଛନ୍ତି । ସେ କହିଛନ୍ତି ଓଡ଼ିଶା ସାରା କଳାକାର ମାନଙ୍କୁ ସରକାର ଖୋଜି ଖୋଜି ଭତ୍ତା ପ୍ରଦାନ କଲେ, ଅଥଚ ସାମ୍ବାଦିକ ମାନଙ୍କୁ ଏ କ୍ଷେତ୍ରରେ ଅଣଦେଖା କାହିଁକି କରାଯାଉଛି ବୁଝି ହେଉନି । ସନ୍ତୋଷ ବେହେରା ଜଣେ ମଞ୍ଚ ଅଭିନେତା ଭାବରେ ସମଗ୍ର ଓଡ଼ିଶାରେ ପରିଚିତ । ଉଦଳାସ୍ଥିତ ପ୍ରେସ କ୍ଲବକୁ ଆସି ସନ୍ତୋଷ ବେହେରା ଏହା କହିବା ସହିତ ଏଥିପାଇଁ ସେ ନିଜେ ବ୍ୟକ୍ତିଗତ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିବେ ବୋଲି ଜଣାଇଛନ୍ତି । ତାହାଛଡ଼ା ପ୍ରେସ କ୍ଲବ ତରଫରୁ ଏ ବାବଦରେ ଜଦି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଏ ତେବେ ସେ ନିଜେ ଏଥିରେ ସାମିଲ ହେବା ସହିତ ସାମ୍ବାଦିକ ମାନଙ୍କର ଦାବୀକୁ ସମର୍ଥନ ଜଣାଇବେ ବୋଲି ବ୍ୟକ୍ତ କରିଛନ୍ତି । ତେବେ ତୁମେ ନିଜେ ଜଣେ କଳାକାର, ସାମ୍ବାଦିକ ମାନଙ୍କର ଦାବୀ ପ୍ରତି କାହିଁକି ସମବେଦନା ଜଣାଉଛ ବୋଲି ସନ୍ତୋଷ ବେହେରାଙ୍କୁ ପ୍ରଶ୍ନ କରିବାରୁ ଉତ୍ତରରେ ସେ କହିଲେ କଳାକାର ମାନେ ଆଜି ନିଜର ପରିଚୟ ସୃଷ୍ଟି କରିବା ସହିତ ସ୍ୱାଭିମାନର ସହ ବଞ୍ଚିବାର ଦମ୍ଭ ପାଇଛନ୍ତି କେବଳ ସାମ୍ବାଦିକ ମାନଙ୍କ ଯୋଗୁଁ । ଅଥଚ ସରକାର କଳାକାର ମାନଙ୍କୁ ପ୍ରତିମାସ ଭତ୍ତା ପ୍ରଦାନ କରୁଥିବା ବେଳେ ସାମ୍ବାଦିକ ମାନଙ୍କୁ ଅଣଦେଖା କରିବା ମତେ ଖୁବ ଆଘାତ କରିଛି ବୋଲି ସେ କହିଛନ୍ତି ।

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର,୦୪/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ପୂର୍ବାହ୍ନରେ ଲୋକସଂପର୍କ ଭବନ ସମ୍ମିଳନୀ କକ୍ଷରେ ବିଭାଗର କର୍ମଚାରୀ କଲ୍ୟାଣ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଗତ ଜୁନ୍ ୩୦ ତାରିଖରେ ଅବସର ଗ୍ରହଣ କରିଥିବା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ବରିଷ୍ଠ କ୍ୟାମେରାମ୍ୟାନ ବିନୟ କୁମାର ତ୍ରିପାଠୀ, ଫଟୋଗ୍ରାଫର ମଲ୍ଲିମଣୀ ସୋରେନ୍ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଅର୍ଜୁନ କୁମାର ଗୌଡ, ଏହି ୪ ଜଣ ସରକାରୀ କର୍ମଚାରୀଙ୍କ ପାଇଁ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅବସରଗ୍ରହଣ କରିଥିବା ଏହି ଅଧିକାରୀ ଓ କର୍ମଚାରୀମାନଙ୍କର ଦୀର୍ଘ ଦିନର ଅଭିଜ୍ଞତା, ସରକାରୀ କାର୍ଯ୍ୟରେ ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ସଂପର୍କରେ ଆଲୋକପାତ କରି ସେମାନଙ୍କର ଅବସରକାଳୀନ ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା ଯୋଗଦେଇ ଅବସର ଗ୍ରହଣ କରିଥିବା ଏହି ଅଧିକାରୀ ଓ କର୍ମଚାରୀମାନଙ୍କର ବିଭାଗୀୟ କାର୍ଯ୍ୟପ୍ରତି ଅବଦାନ ସ୍ମରଣୀୟ ରହିଥିଲା ବୋଲି କହିଥିଲେ ଏବଂ ଅବସରକାଳୀନ ସମୟରେ ସେମାନେ ମାନସିକ ସ୍ତରରେ ସୁସ୍ଥ ଓ ଦୃଢ଼ ରହି ନିରୋଗ ରହିବାକୁ କହିଥିଲେ । ବିଭାଗର ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଉପ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାଶ, ସହକାରୀ ନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ , ସାଉଣ୍ଡ ରେକର୍ଡିଷ୍ଟ ଶ୍ରୀମତୀ ଶୋଭା ପଟ୍ଟନାୟକ ଓ କବିତା ନାୟକ ପ୍ରମୁଖ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର କର୍ତ୍ତବ୍ୟ ନିଷ୍ଠା ଓ ସେମାନଙ୍କ ସହିତ ନିଜର କାର୍ଯ୍ୟ ଅନୁଭୂତି ବାଣ୍ଟିଥିଲେ । ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଅବସରଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଶ୍ରୀମଦ୍ ଭଗବତ୍‌ଗୀତା, ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

## ଯାନବାହନ ଚଳାଚଳ ନେଇ ଟ୍ରାଫିକ କଟକଣା ଜାରି

ବାଲେଶ୍ୱର,୦୪/୦୭ (ନି.ପ୍ର): ଦୁର୍ଘଟଣା, ଜୀବନହାନୀ ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲା ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି । ସହରର ଆଇଟିଆଇ ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢା କାର୍ତ୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ,ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପଦୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍‌ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍ ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ନିଷେଧ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା ୪.୭.୨୦୨୨ରିଖରୁ ତା ୨.୮.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିବ ।

## ରୋଟାରୀ କ୍ଲବର ଯୁଗ୍ମ ଅଧିଷ୍ଠାପନା ଦିବସ : ନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ



ବାଲେଶ୍ୱର,୦୪/୦୭ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବର ୨୦୨୨-୨୩ ବର୍ଷ ପାଇଁ ଯୁଗ୍ମ ଅଧିଷ୍ଠାପନା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ନବ ନିର୍ବାଚିତ ସଭାପତି ଇଂ ସୌରଭ କୁମାର ବେହେରା, ସମ୍ପାଦକ ସୁଖମୟ ଦାସ, କୋଷାଧ୍ୟକ୍ଷ କମଳାକାନ୍ତ ମୁଦୁଲି, ଉପ-ସଭାପତି ଜୟନ୍ତ ବେହେରା ଓ ଯୁଗ୍ମ ସଂପାଦକ ଭାବେ ଇଂ. ଉପେନ୍ଦ୍ର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଦାୟତ୍ୱ ଗ୍ରହଣ କରିଛନ୍ତି । ରୋଟାରୀ କ୍ଲବର ପୂର୍ବତନ ଜିଲା ଗଭର୍ଣ୍ଣର ପ୍ରଫେସର ଶାନ୍ତନୁ କୁମାର ପାଣି ଏବଂ ଝରଣା ପାଣିଏବଂ ୦୨୨-୨୩ର ସହକାରୀ ଗଭର୍ଣ୍ଣର ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଗଠନମୂଳକ କାର୍ଯ୍ୟରେ ରୋଟାରିଆନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବତନ ସଭାପତି ସପନ କୁମାର ମହାପାତ୍ର ଓ ପୂର୍ବତନ ସମ୍ପାଦକ କମଳାକାନ୍ତ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେ ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ ସମାଜଗଠନ କାର୍ଯ୍ୟର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଅନୁରୂପ ଭାବେ ରୋଟାରୀ ଇନରହୁଇଲ କ୍ଲବର ନୂତନ ସଭାପତି ଓ ସମ୍ପାଦିକା ଦାୟିତ୍ୱ ଗ୍ରହଣ କରିଥିଲେ । ଯୁଗ୍ମ ଅଧିଷ୍ଠାନ ଦିବସ ଅବସରରେ କ୍ଲବର ବାର୍ଷିକ ପତ୍ରିକା ରେଞ୍ଜରକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।ଏଥି ସହିତ ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ୮ ଜଣଙ୍କୁ ଶପଥ ପାଠ କରାଯାଇଥିଲା । ପ୍ରାରମ୍ଭରେ ବିଦାୟୀ ସଭାପତି ରାଜଲକ୍ଷ୍ମୀ ଯତି ସ୍ୱଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା ୨୦୨୧-୨୨ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଡ. ଶ୍ରୀମାନ ଶ୍ରୀଚନ୍ଦନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି 'ଇନରହୁଇଲ' କ୍ଲବ ସଭାପତି ପଦ ପାଇଁ ସିପ୍ରାରେଖା ମହାପାତ୍ର ଓ ସଂପାଦକ ପଦରେ ବନି ମଜୁମଦାର; ରୋଟ୍ରାକ୍ଟ କ୍ଲବର ପ୍ରଭୁଜ୍ୟୋତି ମହାପାତ୍ର ସଭାପତି ଓ ଇଂ. ସାମଲ ରାଜକୁମାର ଅନିମେଶଙ୍କୁ ସମ୍ପାଦକ ପଦ ପାଇଁ ଚୟନ କରାଯାଇଛି । ଆଜିର ଏହି ଅଧିଷ୍ଠାପନା ଉତ୍ସବକୁ ସୁଧାଂଶୁ ପଣ୍ଡା, ଡ.ମାତୃଦତ୍ତ ଦାସ, ଡ. ପଙ୍କଜ କୁମାର ଜେନା, ଉପେନ୍ଦ୍ର ବେହେରା, ଡ. ସୁବାସ ପାତ୍ର, ଭି ଉଦୟ କୁମାର, ସନ୍ତୋଷ କୁମାର ନାୟକ, ଯଶୋଦାନନ୍ଦନ ଆଶ୍, ପଦାରବିନ୍ଦ ମହାପାତ୍ର, ଉଦୟ ରଞ୍ଜନ ଦାସ, ମନୋରଞ୍ଜନ ଦାସ, ଦେବେନ୍ଦ୍ର ଧଳ, ଭାବଗ୍ରାହୀ ମହାନ୍ତି ପ୍ରମୁଖଙ୍କ ସମେତ କ୍ଲବର ବହୁ ପରିଚାଳନା କରିଥ ।

## ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୧୮ଟି ନୂତନ ପାଠ୍ୟକ୍ରମ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ବିଦ୍ୟା ଅର୍ଜନ କରିବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଅପୂର୍ବ ସୁଯୋଗ ସୃଷ୍ଟିକରିଛି । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଯେକୌଣସି କାରଣରୁ ଉଚ୍ଚଶିକ୍ଷା ପାଇବାରୁ ବଂଚିତ ହୋଇଥିବା ଯେକୌଣସି ବୟସର ବ୍ୟକ୍ତିବିଶେଷମାନଙ୍କ ପାଇଁ ଇନ୍ଦିରା ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ସମସ୍ତ ବିଭାଗରେ ନାମଲେଖା ପ୍ରକ୍ରିୟା ଚଳିତ ବର୍ଷ ଜୁଲାଇ ମାସର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବା ପାଇଁ ଧାର୍ଯ୍ୟ କରାଯାଇଚି । ଅଣ୍ଡର ଗ୍ରାଜୁଏଟ୍ ଏବଂ ପି.ଜି. ଡିପ୍ଲୋମା ପ୍ରୋଗ୍ରାମରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ଛାଡ଼ କରାଯାଇଛି । ଅର୍ଥାତ୍ ସମ୍ପୂର୍ଣ୍ଣ ମାଗଲା ବୋଲି ଇଗ୍ନୋ କର୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ସ ଜନଜାତି ଛାତ୍ରଛାତ୍ରୀମାନେ ଯଦି ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ତେବେ ସେମାନେ ଇଗ୍ନୋ ତରଫରୁ ଦିଆଯାଇଥିବା ଏହି ରିହାତି ପାଇବାକୁ ଯୋଗ ହେବେ ନାହିଁ । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍ ଏବଂ ଲିଙ୍କ ଅନୁସରଣ କରିପାରିବେ କିମ୍ବା ଆଂଚଳିକ କେନ୍ଦ୍ର ଭୁବନେଶ୍ୱରର କାର୍ଯ୍ୟାଳୟକୁ ଯୋଗାଯୋଗ କରିପାରିବେ । ସମସ୍ତ ଯୋଗାଯୋଗ ତଥ୍ୟ ପାଇଁ ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ତରଫରୁ ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ରଥଯାତ୍ରା ଉପଲକ୍ଷେ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ସ୍ୱତନ୍ତ୍ର ହସ୍ତତନ୍ତ ମେଳା

ଭୁବନେଶ୍ୱର,୦୪/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ରାଜ୍ୟ ହସ୍ତତନ୍ତ ପୁଞ୍ଜ ବିକାଶ ଅନୁଷ୍ଠାନ (ଏସ୍ଏଡିଏଚ୍ଏସି) ଦ୍ୱାରା ଆୟୋଜନ କରାଯାଇଛି । ରାଜ୍ୟରେ ଥିବା ବିଭିନ୍ନ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ଜଡ଼ିତ ଥିବା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି କରି ତାଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପିଓଏଚଆଇ ୨୦୨୨-୨୩ ଯୋଜନାରେ ଏହା ଅନୁଷ୍ଠିତ ହୋଇଛି । ଆଜି ସନ୍ଧ୍ୟାରେ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଏହି ମେଳାକୁ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ମେଳାରେ ବୟନମଣ୍ଡଳଗୁଡ଼ିକରୁ ୩୪ଟି ବୁଣାକାର ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ ନିମନ୍ତେ ଯୋଗଦାନ କରିଛନ୍ତି ।

## ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ବାରିପଦା, ୦୪/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁଲାଇ ମାସର ପ୍ରଥମ ସୋମବାର ତା.୦୪.୦୭.୨୦୨୨ ରିଖରେ ଜିଲ୍ଲା ସଦରମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ. ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୟୂରଭଞ୍ଜ ଶ୍ରୀ ଋଷିକେଷ ଦ୍ୟାନଦେଓ ଖିଲାରୀ, ଭା.ପୋ.ସେ. ଙ୍କ ତତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣ ଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୧୧୭ ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା । ଏଥିରେ ୧୦୪ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୧୩ ଟି ଆପତି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୂହିକ ବିଭିନ୍ନ ସମସ୍ୟା ସଂପର୍କୀତ ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ ୧ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ଏଥିରେ ସହୟତା ପାଇଁ ଆସିଥିବା ୧ଟି ଆବେଦନ ପତ୍ର ଉପରେ ଜିଲ୍ଲାପାଳ ପରିସ୍ଥିତି କୁ ବିଚାର କରି ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ମଞ୍ଜୁର କରିଥିଲେ । ଶିବିରରେ ଶୁଣାଣୀ ହୋଇଥିବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧ୍ୟାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ ଭାପ୍ରସେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ ଭାବସେ, ପ୍ରମୁଖ ସମେତ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡ ର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସଂଗ୍ରାମୀ ସାମନ୍ତ ନଟବରଙ୍କ ସ୍ମୃତିରେ ବୃକ୍ଷପୂଜା

ଭୁବନେଶ୍ୱର,୦୪/୦୭ (ନି.ପ୍ର): ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ନ୍ୟାସ ପକ୍ଷରୁ ପାତ୍ରପଡ଼ାସ୍ଥିତ ସ୍ମୃତିବନଠାରେ ସଂଗ୍ରାମୀ ସାମନ୍ତ ନଟବର ସିଂହଙ୍କ ସ୍ମୃତିରେ ରୋପଣ କରାଯାଇଥିବା ବକୁଳ ବୃକ୍ଷକୁ ଆଜି ପୂର୍ବାହ୍ନରେ ପୂଜା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ସୀତାବଲ୍ଲଭ ମହାପାତ୍ର ସ୍ୱର୍ଗତ ନଟବର ସିଂହ ସାମନ୍ତଙ୍କ ଛାତ୍ରଜୀବନ ବିଷୟରେ ଅବତାରଣା କରିବା ସହ ବୃକ୍ଷପୂଜା ଏକ ଅନନ୍ୟ ପରମ୍ପରା ବୋଲି କହିଥିଲେ । ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ପୂର୍ବତନ ସମିତି ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ କହିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ତପସ୍ୟାର ପଟ୍ଟାନ୍ତର ନାହିଁ । ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ପ୍ରଜ୍ଞାରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ସ୍ମୃତିବନର ତତ୍ତ୍ୱାବଧାରିକା ଶ୍ରୀମତୀ ରଶ୍ମୀରେଖା ପରିଡ଼ା ପରିଚାଳନା କରିଥିଲେ ।

## ଏବିଭିପି ପକ୍ଷରୁ ବିଜେବି କଲେଜ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବହୁ ଛାତ୍ରୀଛାତ୍ରୀ ଏହି ବିକ୍ଷୋଭରେ ସାମିଲ ହୋଇ ରୁଚିକାଙ୍କୁ ନ୍ୟାୟ ଦାବି କରିଥିଲେ ।

## ୮ଦଫା ଦାବିରେ ରିଲେଟର ସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ




ଜଳେଶ୍ୱର, ୦୪/୭(ନି.ପ୍ର) : ସର୍ବଭାରତୀୟ ଡିଲର୍ସ ଫେଡ୍ରେସନର ନିଷ୍ପତ୍ତି କ୍ରମେ ଓଡିଶାର ରିଟଲର ମହାସଂଘ ପକ୍ଷରୁ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ବିକ୍ଷୋଭର ନିଷ୍ପତ୍ତି ନିଆଯାଇଥିବାରୁ ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇ ଯାଇଛି । କରୋନାର ଭୟାବହତାରେ ୨୦ମାସ ଧରି ଦେଶରେ ବିମାନ, ରେଳ, ବସ୍, ସ୍କୁଲ, କଲେଜ, ଦୋକାନ, ବଜାର ଇତ୍ୟାଦି ବନ୍ଦ ରହିଥିଲା । ଏପରି ବିପତ୍ତି ବେଳେ ରିଟଲର ମାନେ ଘରକୁ ଘର ଓ ବିଦ୍ୟାଳୟରୁ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନ ଭୋଜନ ଓ ଯୋଗାଣ ସାମଗ୍ରୀ ଯୋଗାଇ ଆସିଛନ୍ତି । ଏଥିରେ କେତେକଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରି ସହାୟତା ଦେଇ ନାହାନ୍ତି । ତେଣୁ ପ୍ରଧାନମନ୍ତ୍ରୀ କଲ୍ୟାଣ ଅନ୍ନ ଯୋଜନାର ବଣ୍ଟନ ବାବଦରେ ପାରିଶ୍ରମିକ ଅଦ୍ୟାବଧି ଦିଆଯାଇନାହିଁ । ଇ-ପୋଷର ବ୍ୟବହାରିକ ଖର୍ଚ୍ଚ ବକେୟା ବର୍ଷଗୁଡିକରେ ଦିଆଯାଇନାହିଁ । କରୋନା ସମୟରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନର ପାରିଶ୍ରମିକ ରିଟେଲରମାନେ ପାଇ ନାହାନ୍ତି । ଏକକାଳୀନ ଖୁଚୁରା ବିକ୍ରୟ କେନ୍ଦ୍ରକୁ ସମସ୍ତ ଖାଉଟି ଦ୍ରବ୍ୟ ଯୋଗାଇବାକୁ ସେମାନେ ଦାବି କରିଛନ୍ତି । ଆକସ୍ମିକ ମୃତ୍ୟୁରେ ରିଟେଲରର ପରିବାରରୁ ପୁନଃନିଯୁକ୍ତି ଦେବା, ଗୋଟିଏ ଦେଶରେ ଗୋଟିଏ ରେସନ୍ ଓ ଗୋଟିଏ ନିୟମରେ ଖାଦ୍ୟ ଯୋଗାଣ କରିବାକୁ ଆଇନ୍ ପ୍ରଣୟନ କରିବାକୁ ଦାବି କରିଛନ୍ତି । ଚାଉଳ, ଗହମ, କିରୋସିନୀର ସଟେଜ୍ ସରକାର ପ୍ରଦାନ କରିବାକୁ ଦାବି କରିଛନ୍ତି । ଚାଉଳ, ଗହମ ଆସୁଥିବା ଅଖାର ବକେୟା ମୂଲ୍ୟ ପ୍ରଦାନ କରିବାକୁ ରାଜ୍ୟ ସଭାପତି ନଗେନ୍ଦ୍ର ଜେନା, ଜିଲା ସଭାପତି ବିଦ୍ୟାଧର ଦେ, ସଂପାଦକ ଅଜୟ କୁମାର ବେହେରା, ରଂଜନ କୁମାର ପାତ୍ର, କିରଣ କୁମାର ଦାସ, ରାଜେନ୍ଦ୍ର ଘୋଷ, ଗୋପିନାଥ ବାରିକ, ମଦନମୋହନ ପାଢୀ, ଗୟାଧର ସିଂ, ରତ୍ନାକର ପାତ୍ର, ପୂର୍ଣ୍ଣଚନ୍ଦ୍ର ଗିରି ପ୍ରମୁଖ ଦାବି କରିଛନ୍ତି । ଏଥିଲାଗି ସେମାନେ ବିଡିଓଙ୍କ ଜରିଆରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ପ୍ରଦାନ କରାଯାଇଛି ।

## ଦେଉଳା-ଦେଭୋଗ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ଜଳ ନିଷ୍କାସନ ଦାବି



ବାଲିଆପାଳ, ୦୪/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ପଂଚାୟତର ଦେଉଳା-ଦେଭୋଗ ପ୍ରଧାନମନ୍ତ୍ରୀ ସଡକର ଦେଉଳା ଛକ ନିକଟରେ ଦୀର୍ଘବର୍ଷ ଧରି ରାସ୍ତା ଉପରେ ଜଳ ନିଷ୍କାସନ ହୋଇପାରୁନାହିଁ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କୋଟିଏରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ରାସ୍ତାଟିକୁ କଂକ୍ରିଟ କରାଯାଇଥିଲା । ମାତ୍ର ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇନଥିବାରୁ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଫୁଟେ ଦୁଇ ଫୁଟ ଉଚ୍ଚରେ ପାଣି ଜମା ରହି ଯାତାୟତରେ ବାଧା ସୃଷ୍ଟି କରୁଛି । ଆଗକୁ ବର୍ଷା ଦିନ ଆସୁଥିବାରୁ ଏହା ଅଧିକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜଳ ନିଷ୍କାସନର ବ୍ୟବସ୍ଥା କରିବାର ନାଁ ଧରୁନଥିବାରୁ ଆଜି ବାଧହୋଇ ସରପଞ୍ଚ ସରୋଜ କୁମାର ପିଳାଙ୍କ ନେତୃତ୍ୱରେ ପଞ୍ଚାୟତର ଶହ ଶହ ପୁରୁଷ ଓ ମହିଳା ଏକତ୍ର ହୋଇ ଦେଉଳା ଛକ ନିକଟରେ ଲଙ୍ଗଳେଶ୍ୱର-ବାଲିଆପାଳ ମୁଖ୍ୟ ରାସ୍ତା ସମେତ ଦେଉଳା-ଦେଭୋଗ ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଏବଂ ଏହି ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗ୍ରାମ୍ୟ ରାସ୍ତାରେ ବାଡ ବସାଇ ରାସ୍ତା ଅବରୋଧ କରବା ସହ ଦେଉଳା ଛକ ନିକଟରେ ସକାଳ ୯ଟାରୁ ଧାରଣାରେ ବସି ରହିଥିଲେ । ଚାରିଚକିଆ ଯାନଠାରୁ ଆରମ୍ଭକରି ମଟରସାଇକେଲ କାହାକୁ ଯିବାକୁ ଦେଇନଥିଲେ ।ଫଳରେ ଦୀର୍ଘସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା ।ଖବର ପାଇ ବାଲିଆପାାଳ ପୋଲିସ ଘଟଣାସ୍ଥଳରେ ପହଂଚିଥିଲା ।ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ତୁଷାରକାନ୍ତି ବେହେରା ଘଟଣାସ୍ଥଳରେ ପହଂଚି ଧାରଣାରତ ଲୋକଙ୍କ ସହ ଆଲୋଚନା କରିବା ସହ ଆସନ୍ତା ୧୫ ତାରାଖ ସୁଦ୍ଧା ଜଳନିଷ୍କାସନର ବ୍ୟବସ୍ଥା କରାଯିବାର ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ରାଜଧାନୀରେ ୧୩୧ କୋଭିଡ୍ ପଜିଟିଭ୍

ଭୁବନେଶ୍ୱର,୦୪/୦୭ (ନି.ପ୍ର): ରାଜଧାନୀରେ ବଢୁଛି କୋଭିଡ୍ ସଂକ୍ରମଣ । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୧୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୯୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୭ ହଜାର ୭୦୫ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୫୬ ହଜାର ୦୩୮ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୪୫୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୧୭୦ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## 'ମାଟିଫୁଲ' ରଥଯାତ୍ରା ବିଶେଷାଙ୍କ ଉନ୍ମୋଚିତ



କପ୍ତିପଦା, ୦୪/୦୭ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ଜନତାଙ୍କ ଗହଣରେ ଅବତୀର୍ଣ୍ଣ ଅବସରରେ ଓଡ଼ିଶାର ଏକ ଅଗ୍ରଣୀ ଗ୍ରାମୀଣ ତ୍ରୈମାସିକ ସାହିତ୍ୟ-ସଂସ୍କୃତି-ଶୈକ୍ଷିକ ପତ୍ରିକା "ମାଟିଫୁଲ"ର ରଥଯାତ୍ରା ବିଶେଷାଙ୍କଟି ମହାସମାରୋହରେ ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ କପ୍ତିପଦା ସଂସ୍କୃତି ଭବନରେ ଆୟୋଜିତ ଏକ ସାହିତ୍ୟ ଆସରରେ ରାଜ୍ୟପାଳ ପୁରସ୍କୃତ ବର୍ଷୀୟାନ୍ ଶିକ୍ଷାବିତ୍ ଶରତ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରି ଏହି ପତ୍ରିକା ବିଶେଷ ଭାବରେ ଓଡ଼ିଆ ଗ୍ରାମାଞ୍ଚଳରେ ଭାଷା-ସାହିତ୍ୟର ବିକାଶ ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଶିକ୍ଷାବିତ୍ ଯୁଗଳ କିଶୋର ସାହୁ "ମାଟିଫୁଲ" ବିଭିନ୍ନ ବର୍ଗ ଓ ବୟସର ନୂତନ ଲେଖକ-ଲେଖିକାଙ୍କ ସୃଷ୍ଟିକୁ ପ୍ରକାଶ କରି ସେମାନଙ୍କୁ ସାହିତ୍ୟର ମୁଖ୍ୟସ୍ରୋତକୁ ଆଣିବାରେ ସହାୟକ ହୋଇପାରିଛି ବୋଲି କହିଥିଲାବେଳେ ପତ୍ରିକାର ଉପଦେଷ୍ଟା ତଥା ମୁଖ୍ୟବକ୍ତା କବି ଇନ୍ଦ୍ରମଣି ବିନ୍ଧାଣୀ ୨୦୦୪ ମସହିହାରେ "ମାଟିଫୁଲ"ର ଜନ୍ମତିଥିଠାରୁ ଅଦ୍ୟାପି ଏକ ସାଧନାର ବନ୍ଧୁର ପଥରେ ଯାତ୍ରା କରିବାର ଟିକିନିକି ବିବରଣୀ ପ୍ରଦାନକରିଥିଲେ । ପତ୍ରିକାର ସମ୍ପାଦକ ଗାଳ୍ପିକ ବସନ୍ତ କୁମାର ରାଉଳ କପ୍ତିପଦା ମାଟିର ଐତିହ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହିତ "ମାଟିଫୁଲ" ପତ୍ରିକା ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳର ଅଗଣିତ ଲେଖକଙ୍କୁ ମାତୃଭାଷାର ମମତାର ସୂତ୍ରରେ ବାନ୍ଧି ରଖିପାରଥିବାରୁ ଏହିଭଳି ଏକାଧିକ ସାହିତ୍ୟ ପତ୍ରିକା ଗ୍ରାମାଞ୍ଚଳରେ ପ୍ରକାଶଲାଭ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ-ସମ୍ପାଦକ ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ପରିଡ଼ା, ଜୟଚନ୍ଦ୍ର ବେହେରା, ହରିଶ୍ଚନ୍ଦ୍ର ସାଏ,ଶତ୍ରୁଘ୍ନ ମହାନ୍ତି, ବାଇଧର ବେହେରା, ଗୋଲକ ଚନ୍ଦ୍ର ବେହେରା ପ୍ରମୁଖ ସ୍ୱସ୍ୱ ବକ୍ତବ୍ୟରେ "ମାଟିଫୁଲ"ର ଉତ୍କର୍ଷତା ବର୍ଣ୍ଣନା କରିବା ସହିତ ଏବେର ଉତ୍ତରପିଢ଼ି ମୋବାଇଲ୍ ମୋହରୁ ଦୂରେଇରହି ଓଡ଼ିଆ ପୁସ୍ତକର ବହୁଳ ପଠନ ଓ ସର୍ବତ୍ର ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଅନ୍ୟତମ ସହ-ସମ୍ପାଦକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ ପ୍ରଦାନ ପରେ ସଭାସାଙ୍ଗ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo